visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ୟବେक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.314, Bhubaneswar Thursday, January 30, 2020 ୨୨ତମ ବର୍ଷ ସଂଖ୍ୟା–୩୧୪ ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୩୦, ୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ଯା' କୁଂଦେନ୍ଦୁ ତୁଷାର ହାର ଧବଳା ଯା' ଶୁଭ୍ରାବସ୍ତ୍ରାବୃତା/ଯା ବୀଣା ବରଦଣ୍ଡ ମଣ୍ଡିତା କରା ଯା ଶ୍ୱେତପଦ୍ମାସନା/ଯା' ବ୍ରହ୍ମଚ୍ୟୁତି ଶଙ୍କର ପ୍ରଭୃର୍ତିଭ ଦେବୈଃ ସଦାବନ୍ଦିତା/ସାମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷ ଜଡ୍ୟା ପହା। ଓଁ ଭଦ୍ରକାଳୈ ନମୋ ନିତ୍ୟଂ ସରସ୍ୱତେ ନମୋ ନମଃ।

## ତପ୍ତପାଣି ଘାଟିରେ ଓଲଟିଲା ଯାତ୍ରୀବାହୀ ବସ୍, ୮ ମୃତ, ୪୦ ଆହତ

ବ୍ରହ୍ମପୁର/ ଭୁବନେଶ୍ୱର, ୨୯।୧(ପି.ଏନ): ମଙ୍ଗଳବାର ବିଳମ୍ବିତ ରାତିରେ ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ତପ୍ତପାଣି ଘାଟି ପାଲୁଖୋଲା ନିକଟସ୍ଥ ବ୍ରିଜ୍ ତଳକୁ ଏକ ବସ୍ ଓଲଟି ପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ ରୁ ଅଧିକ ଆହତ ହୋଇଛନ୍ତି। ମୃତାହତଙ୍କ ମଧ୍ୟରେ ଅଧିକାଂଶ ମହିଳା ଥିବା ବେଳେ ଜଣେ ୧୨ ବର୍ଷର ଝିଅ ଅନ୍ୟ ଦୁଇ ଜଣ ପୁରୁଷ ରହିଛନ୍ତି। ଘଟଣାସ୍ଥଳର ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ଆହତମାନଙ୍କୁ ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତି କରାଯାଇଥିବା ବେଳେ ଗୁରୁତର ଆହତମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତି କରାଯାଇଛି। ଅବସ୍ଥା ସଙ୍କଟାପନ୍ନ ଥିବା ୨ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବା ପାଇଁ ଘୋଷଣା କରିଛନ୍ତି। ଏହାସହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ଜିଲ୍ଲାପାଳ ଓ ଏସପିଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ରାୟଗଡ଼ାର କାଶୀପୁରରୁ ୫୦ ଜଣ ଯାତ୍ରୀଙ୍କୁ ନେଇ ବ୍ରହ୍ମପୁର ଅଭିମୁଖେ ଯାତ୍ରା କରୁଥିବା ଘରୋଇ ଯାତ୍ରୀବାହୀ ବସ୍ 'ମାରୁତି' ରାତି ପ୍ରାୟ ୩ଟା ବେଳେ ତପ୍ତପାଣି ଘାଟି ପାଲୁଖୋଲା ନିକଟସ୍ଥ ବ୍ରିଜ୍ ତଳକୁ ଏକ ବସ୍ ଓଲଟି ପଡିଥିଲା। ପ୍ରବଳ କୁହୁଡ଼ି ଯୋଗୁଁ ରାସ୍ତା ଅସ୍ପଷ୍ଟ ହୋଇଯାଇଥିବା କାରଣରୁ ବସ୍ ଟି ଘାଟିରୁ ତଳକୁ ଖସି ପଡ଼ିଥିବା କଥା କୁହାଯାଉଛି। ତେବେ ଜଣେ ଆହତ ଯାତ୍ରୀଙ୍କ କହିବା ଅନୁଯାୟୀ ଦୁର୍ଘଟଣା ପୂର୍ବରୁ ବସ୍ ର ବ୍ରେକ୍ ଫେଲ୍ ହୋଇଥିବା ଡ୍ରାଇଭର କହିଥିଲେ। ଜଙ୍ଗଲ ଓ ଦୁର୍ଘଟଣାସ୍ଥଳରେ ପାଣି ଥିବା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପ୍ରାୟ ସାତ ଘଂଟା ଧରି ଉଦ୍ଧାର କାର୍ଯ୍ୟ ଚାଲିଥିଲା। ବସ୍ ଟି ବ୍ରିଜ୍ ତଳେ ଓଲଟି ପଡ଼ିବା ଫଳରେ କିଛି ଯାତ୍ରୀ ଭିତରେ ଚାପି ହୋଇ ରହିଯାଇଥିଲେ। ଗ୍ୟାସ୍ କଟର୍ ରେ କଟାଯାଇ ଯାତ୍ରୀମାଦନଙ୍କୁ ବସ୍ ମଧ୍ୟରୁ ଉଦ୍ଧାର କରଯାଇଥିଲା। ଏଥିରେ ୮ ଜଣ ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ ରାୟଗଡାର ଅନ୍ୱେଷା ମହାପାତ୍ର (୧୨) ଏବଂ ସଂଘମିତ୍ରା ମହାପାତ୍ର, କବିସୂର୍ଯ୍ୟନଗର ବାଲିଅସରା ଗାଁର କରିସ୍ମା ନାୟକ (୧୮), ରାୟଗଡ଼ାର ଜେକେପୁରର ବିଦ୍ୟୁତ୍ ନାୟକ, ଛତ୍ରପୁର ବ୍ଲକ୍ କେରାଣ୍ଡିତଲା ନିକଟ ପୁତାବଗଡ଼ରର ଝୁନୁ ବେହେରା ,ପୁରୁଷୋତମପୁରର ଏଲ୍ . ରମେଶ ,ବ୍ରହ୍ମପୁରର ସୁନୀଲ ନାୟକ ଏବଂ ଦିଗପହଣ୍ଡିର ସୁବାସିନୀ ମହାରଣା। ଚିଫ୍ ଫାୟାର ଅଫିସର ସୁକାନ୍ତ ସେଠୀଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣାଗ୍ରସ୍ତ ବସ୍ ର ଯାତ୍ରୀମାନଙ୍କୁ ଉଦ୍ଧାର କରିବା ପାଇଁ ମୋହନା, ସାନଖେମୁଣ୍ଡି, ଦିଗପହଣ୍ଡି ଓ ବ୍ରହ୍ମପୁରର ଦମକଳ ବାହିନୀକୁ ନିୟୋଜିତ କରାଯାଇଥିଲା। ଘଟଣାସ୍ଥଳରେ ଜଣେ ଡେପୁଟି ଫାୟାର ଅଫିସର୍ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।ଦୁର୍ଘଟଣାଗ୍ରସ୍ତ ବସର ଜଣେ ଯାତ୍ରୀ କହିଛନ୍ତି, ଦୁର୍ଘଟଣା ଘଟିବାର କିଛି ସମୟ ପୂର୍ବରୁ ବସ୍ ଟି ଏକ ଢାବା ପାଖରେ ଅଟକି ଥିଲା। ସେଠି ସମସ୍ତେ ଚା ପିଇଥିଲେ। ତାପରେ ବସ୍ ଚାଲିଥିଲା। ତେବେ ହଠାତ୍ କୁହାଯାଇଥିଲା ଯେ ବସ୍ ବ୍ରେକ୍ ଫେଲ୍ ହୋଇଯାଇଛି। ଦେଖୁ ଦେଖୁ ଏହା ପୋଲ ତଳକୁ ଖସି ପଡ଼ିଥିଲା।ଗଞ୍ଜାମ ସିଡିଏମ୍ଓ କହିଛନ୍ତି ଦିଗପହଣ୍ଡି ମେଡିକାଲ୍ ରେ ୩୫ ଜଣ ଆହତଙ୍କ ଚିକିତ୍ସା ଚାଲିଛି। ସେହିଭଳି ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ରେ ୧୪ ଜଣ ଆହତଙ୍କୁ ଭର୍ତି କରାଯାଇଥିବା ନେଇ ଅଧୀକ୍ଷକ ସନ୍ତୋଷ ମିଶ୍ର ସୂଚନା ଦେଇଛନ୍ତି। ଏହି ୧୪ ଜଣଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ବସ୍ ଡ୍ରାଇଭରଙ୍କ ବିଷୟରେ କିଛି ଜଣାପଡ଼ିନି। ସେ ଫେରାର ହୋଇଯାଇଥିବା କୁହାଯାଉଛି।



ଲୋକସଭା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରମ ଓ ଇଏଆଇ ବିଭାଗକୁ 'ମୋ ସରକାର' କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ଘୋଷଣା ଅବସରରେ

## କରୋନା ମୁକାବିଲା ପାଇଁ ଆସିବ ସ୍ୱତନ୍ତ୍ର କିଟ୍ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୧(ପି.ଏନ): କରୋନା ଭାଇରସ୍ ର ମୁକାବିଲା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ଆବଶ୍ୟକ ହେଉଥିବା କିଟ୍ ଆଣିବାର ବ୍ୟବସ୍ଥା କରାଯାଇଛି। ଏସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ନାସ କହିଛନ୍ତି ଯେ କରୋନା ଭାଇରସ୍ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରାଜ୍ୟର ୪ ଟି ମେଡିକାଲରେ ସ୍ୱତନ୍ତ୍ର ୱାର୍ଡର ବ୍ୟବସ୍ଥା କରାଯାଇଛି। ଜିଲ୍ଲା ହସ୍ପିଟାଲ ଗୁଡିକରେ ମଧ୍ୟ ଆଇସୋଲେସନ୍ ୱାର୍ଡ ଖୋଲିବାକୁ କୁହାଯାଇଛି ବୋଲି ସେ କହିଛନ୍ତି।

## ମାର୍ଚ୍ଚ ୨୮ରୁ ଝାରସୁଗୁଡା- ମୁମ୍ବାଇ ସିଧାସଳଖ ବିମାନ ସେବା

ଭୁବନେଶ୍ୱର, ୨୯।୧(ପି.ଏନ): ଆସନ୍ତା ମାର୍ଚ୍ଚ ୨୮ ତାରିଖରୁ ଝାରସୁଗୁଡାରୁ ମୁମ୍ବାଇକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହେବ। ଏସମ୍ପର୍କରେ ସୂଚନା ଦେଇ ଝାରସୁଗୁଡା ବିମାନଘାଟି ନିର୍ଦ୍ଦେଶକ ସ୍ୱଦେଶ ଚୌହ୍ୱାନ କହିଛନ୍ତି ଯେ ସ୍ପାଇସ୍ ଜେଟ୍ ପକ୍ଷରୁ ଏହି ବିମାନ ସେବା ଆରମ୍ଭ ହେବ। ନିକଟରେ ଝାରସୁଗୁଡାରୁ କୋଲକାତାକୁ ବିମାନ ସେବା ଆରମ୍ଭ ହୋଇଛି।

## ଚନ୍ଦକା ଆସିଲା ନରହନ୍ତା ହାତୀ

ଭୁବନେଶ୍ୱର, ୨୯।୧(ପି.ଏନ): ଯାଜପୁରରେ ଆତଙ୍କ ଖେଳାଇଥିବା ନରହନ୍ତା ଦନ୍ତା ହାତୀକୁ ବୁଧବାର ଯାଜପୁରରୁ ଚନ୍ଦକାକୁ ଅଣାଯାଇଛି। ତାକୁ ଚଣ୍ଡିଖୋଲ ନିକଟ ମହାବିନାୟକ ସଂରକ୍ଷିତ ଜଙ୍ଗଲ ଫାର୍ମ ହାଉସରୁ କଡ଼ା ସୁରକ୍ଷା ମଧ୍ୟରେ ଅଣାଯାଇ ଚନ୍ଦକା ଅଭୟାରଣ୍ୟରେ ଥିବା ଦନ୍ତା ହାତୀ 'ଶଙ୍କର' ପାଖରେ ରଖାଯାଇଛି। ନରହନ୍ତା ଦନ୍ତାର ଗୋଡ଼ରେ ଶିକୁଳି ବନ୍ଧା ଯାଇଛି। ଏଥି ସହିତ ବନ ବିଭାଗର କର୍ମଚାରୀମାନେ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି।

## ଓସିଏଲ ସିମେଂଟ କାରଖାନାରେ ଦୁର୍ଘଟଣା : ମହିଳା ଶ୍ରମିକଙ୍କ ମୃତ୍ୟୁ, ୨ ଗୁରୁତର

ରାଉରକେଲା, ୨୯।୧(ପି.ଏନ): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରସ୍ଥିତ ଓସିଏଲ ଇଣ୍ଡିଆ (ଡ଼ାଲମିଆ ସିମେଂଟ) କାରଖାନାରେ ଆଜି ଅପରାହ୍ନରେ ଘଟିଯାଇଥିବା ଦୁର୍ଘଟଣାରେ ଜଣେ ମହିଳାଙ୍କ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ମୃତ ମହିଳା ହେଲେ ରଶ୍ମିତା କୁଜୁର । ୩୦ ବର୍ଷିୟା ରଶ୍ମିତା ରାଜଗାଙ୍ଗପୁର ଅଂଚଳର ବାସିନ୍ଦା । ସେ ଠିକା ଶ୍ରମିକ ଭାବେ ଓସିଏଲରେ କାର୍ଯ୍ୟକରି ଆସୁଥିଲେ । ଆଜି ଅପରାହ୍ନ ପ୍ରାୟ ସାଢ଼େ ୪ଟା ସମୟରେ କାରଖାନା ଭିତରେ ସେ କାର୍ଯ୍ୟରତ ଥିବାବେଳେ କୌଣସି ଦୁର୍ଘଟଣା ଘଟିବାରୁ ସେ ପୋଡି ଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଡ଼ାକ୍ତରଖାନାକୁ ନିଆଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ନେଇ କାରଖାନା ଭିତରେ ଓ ସହରରେ ଉତେଜନା ପ୍ରକାଶ ପାଇଛି । ତେବେ ଗୁରୁତର ଦ୍ୱୟଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳିପାରିନାହିଁ ।ଅନ୍ୟପକ୍ଷରେ ଓସିଏଲ୍ ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି ଯେ, ଦୁର୍ଘଟଣା ସାଢ଼େ ୪ଟା ବେଳେ ଘଟିଥିଲା । ମହିଳା ଶ୍ରମିକ ରଶ୍ମିତା କୁଜୁର ଏଥିରେ ମୃତ୍ୟୁବରଣ କରିଛନ୍ତି । ଦୁର୍ଘଟଣାରେ ଅନ୍ୟ କେହି ଆହତ ହୋଇନାହାଁନ୍ତି । ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଓସିଏଲ ଏନେଇ ଦୁଃଖ ପ୍ରକାଶ କରିଛି । ଏହି ଘଟଣାରେ ମୃତକଙ୍କ ପରିବାରକୁ କମ୍ପାନୀ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ବିବୃତିରେ ଦର୍ଶାଯାଇଛି ।

## ବାଚସ୍ପତି କ୍ଷମତା ସମୀକ୍ଷା କମିଟିର ସଦସ୍ୟ ହେଲେ ଡ. ସୂର୍ଯ୍ୟନାରାୟଣ ପାତ୍ର

ଭୁବନେଶ୍ୱର, ୨୯।୧(ପି.ଏନ): ଲୋକସଭା ବାଚସ୍ପତି ତଥା ଅଖିଳ ଭାରତୀୟ ବାଚସ୍ପତି ସମ୍ମିଳନୀର ଅଧ୍ୟକ୍ଷ ଶ୍ରୀ ଓମ ବିର୍ଲା ବାଚସ୍ପତିମାନଙ୍କର ଏକ କମିଟି ଗଠନା କରିଛନ୍ତି। ସମ୍ବିଧାନର ଦଶମ ଅନୁସୂଚୀ ଓ ତତ୍ ସମ୍ପର୍କିତ ନିୟମାବଳୀ ଅନ୍ତର୍ଗତ ବାଚସ୍ପତିମାନଙ୍କର କ୍ଷମତାର ସମୀକ୍ଷା କରିବାକୁ ଏହି କମିଟି ଗଠିତ ହୋଇଛି ।ଏହି କମିଟିରେ ରାଜସ୍ଥାନ ବିଧାନସଭାର ବାଚସ୍ପତି ଡ. ସି.ପି. ଜୋଷୀ ଅଧ୍ୟକ୍ଷ ଥିବାବେଳେ ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଏବଂ କର୍ଣ୍ଣାଟକ ବିଧାନସଭାର ବାଚସ୍ପତି ଶ୍ରୀ ବିଶ୍ୱେଶ୍ୱର ହେଗ୍‌ଡ଼େ କାଗେରୀ ଅନ୍ୟତମ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଧାନସଭାଗୁଡ଼ିକର କାର୍ଯ୍ୟକୁ କାଗଜଶୂନ୍ୟ(ପେପରଲେସ) କରିବା ଉଦ୍ଦେଶ୍ୟରେ ଗଠିତ କମିଟିର ଅନ୍ୟତମ ସଦସ୍ୟ ଭାବେ ବାଚସ୍ପତି ଡ. ପାତ୍ର ଲୋକସଭା ବାଚସ୍ପତିଙ୍କ ଦ୍ୱାରା ପୂର୍ବରୁ ମନୋନୀତ ହୋଇଛନ୍ତି।

## ଆଜିଠାରୁ ୪ ଦିନ ବନ୍ଦ ରହିବ ସମସ୍ତ ବ୍ୟାଙ୍କ୍

ଭୁବନେଶ୍ୱର, ୨୯।୧(ପି.ଏନ): ଆସନ୍ତାକାଲି (ଗୁରୁବାର) ଠାରୁ ଓଡ଼ିଶାରେ ୪ ଦିନ ପାଇଁ ବ୍ୟାଙ୍କ ବନ୍ଦ ରହିବ। ସେହିପରି ଭାରତ ବର୍ଷରେ ଶୁକ୍ରବାର ଠାରୁ ୩ ଦିନ ପାଇଁ ବ୍ୟାଙ୍କ ବନ୍ଦ ରହିବ। ଆସନ୍ତାକାଲି ସରସ୍ୱତୀ ପୂଜା ପାଇଁ କେବଳ ଓଡ଼ିଶାରେ ସମସ୍ତ ବ୍ୟାଙ୍କ ବନ୍ଦ ରହିବ। କିନ୍ତୁ ଦେଶର ଅନ୍ୟ ପ୍ରାନ୍ତରେ ଏହା ଖୋଲା ରହିବ। କାରଣ ସମଗ୍ର ଦେଶରେ ବୁଧବାର ବସନ୍ତ ପଂଚମୀ ପାଇଁ ବ୍ୟାଙ୍କ ବନ୍ଦ ରହିଛି। ଆସନ୍ତାକାଲି ସେସବୁ ସ୍ଥାନରେ ବ୍ୟାଙ୍କ ଖୋଲା ରହିବ। ଜାନୁଆରୀ ୩୧ ଓ ଫେବୃଆରୀ ୧ରେ ବ୍ୟାଙ୍କ ୟୁନିଅନ ପକ୍ଷରୁ ସମଗ୍ର ଦେଶରେ ଆନ୍ଦୋଳନର ଡାକରା ଦିଆଯାଇଛି। ଏଥିରେ ଓଡ଼ିଶାରେ ଥିବା ବ୍ୟାଙ୍କ ସଂଗଠନ ଗୁଡ଼ିକ ସାମିଲ ହେବେ। ତେଣୁ ୨ ଦିନ ଧରି ବ୍ୟାଙ୍କ ବନ୍ଦ ରହିବ। ସେହିପରି ଫେବୃଆରୀ ୨ ରବିବାର ଥିବାରୁ ବ୍ୟାଙ୍କ ସ୍ୱାଭାବିକ ଭାବେ ଛୁଟି ରହିବ। ତେଣୁ ଲଗାତର ୪ଦିନ ବ୍ୟାଙ୍କ ବନ୍ଦ ରହୁଛି। ୨୦୧୭ରୁ ବ୍ୟାଙ୍କ ୟୁନିଅନଗୁଡ଼ିକ ଦରମା ବୃଦ୍ଧି ପାଇଁ ଦାବି କରୁଥିଲେ ହେଁ ସରକାରୀ ସ୍ତରରେ ଏହାକୁ ଗୁରୁତ୍ୱର ସହ ନିଆଯାଉ ନାହିଁ।ତେଣୁ ୟୁନିଅନ ଦୁଇ ଦିନ ଧରି ବନ୍ଦ ଡାକରା ଦେଇଛି। ଯଦି ସରକାର ଏହାକୁ ନଶୁଣିବେ, ତା'ହେଲେ ଏପ୍ରିଲ ମାସରୁ ୟୁନିଅନ ଅନିର୍ଦ୍ଦିଷ୍ଟ କାଳ ପାଇଁ ହରତାଳ କରିବ। ଏହାପୂର୍ବରୁ ମାର୍ଚ୍ଚ ୧୧, ୧୨ ଓ ୧୩ ତିନି ଦିନ ଧରି ମଧ୍ୟ ବ୍ୟାଙ୍କ ୟୁନିଅନ ହରତାଳ କରିବାକୁ ଚେତାବନୀ ଦେଇଛି।

## ବିସ୍ଫୋରକ ଭର୍ତ୍ତି ଗୋଦାମ ଉପରେ ଏସଟିଏଫର ଚଢ଼ଉ

ଗଞ୍ଜାମ, ୨୯।୧(ପି.ଏନ): ଗଞ୍ଜାମ ଜିଲ୍ଲା ରମ୍ଭା ଅଂଚଳରେ ଏକ ବିସ୍ଫୋରକ ଭର୍ତି ଗୋଦାମକୁ ଠାବ କରିବା ସହ ଆଜି ଏହା ଉପରେ ଚଢ଼ଉ କରିଛି କ୍ରାଇମବ୍ରାଂଚ ଏସଟିଏଫ । ଚଢ଼ଉ ବେଳେ ସେଠାରୁ ୧୦ ହଜାର ୪୦୬ଟି ଡିଟୋନେଟର, ୩୨୦୦ ଖଣ୍ଡ ଜିଲୋଟିନ୍ ଷ୍ଟିକ୍ ଏବଂ ୧୯୬ କ୍ୱିଂଟାଲ ଆଲୁମିନିୟମ୍ ନାଇଟ୍ରେଟ ଜବତ ହୋଇଛି । ବେଆଇନ ଭାବେ ବିସ୍ଫୋରକ ରଖିବା ଅଭିଯୋଗରେ ସମ୍ପୃକ୍ତ ଗୋଦାମର ମାଲିକ ସରୋଜ ପଟ୍ଟନାୟକଙ୍କୁ ଏସଟିଏଫ ଗିରଫ କରିଛି । ବିପୁଳ ବିସ୍ଫୋରକ ରଖିବା ନେଇ ତାଙ୍କ ନିକଟରେ କୌଣସି ଲାଇସେନ୍ସ ନଥିବା ସୂଚନା ମିଳିଛି । କ୍ରାଇମବ୍ରାଂଚ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

## ବାର୍ଡ ଫ୍ଲୁ ସ୍ଥିତି ଅନୁଧ୍ୟାନ ପାଇଁ ଆଜି ଆସିବ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୨୯।୧(ପି.ଏନ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୁକୁଟ ପ୍ରଜନନ ଓ ଗବେଷଣା କେନ୍ଦ୍ରରେ ବାର୍ଡ ଫ୍ଲୁର ଭୂତାଣୁ ଚିହ୍ନଟ ହୋଇଛି । ଏଥିରେ ବହୁ ସଂଖ୍ୟାରେ କୁକୁଡ଼ା ମରିଥିବାର ଜଣାପଡ଼ିଛି। ସମ୍ଭାବ୍ୟ ବାର୍ଡ ଫ୍ଲୁ ଭୂତାଣୁ ମଣିଷକୁ ସଂକ୍ରମିତ ନହେବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି । ଅନ୍ୟପକ୍ଷରେ ରାଜଧାନୀରେ ବାର୍ଡ ଫ୍ଲୁର ସ୍ଥିତି ଅନୁଧ୍ୟାନ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏକ ଉଚ୍ଚସ୍ତରୀୟ ଟିମ୍ ଆସନ୍ତାକାଲି ଭୁବନେଶ୍ୱରରେ ପହଂଚିବେ। ଏହି ଟିମ୍ ଓୟୁଏଟି ଫାର୍ମ ସମେତ ଏହାର ୧ କିମି ବ୍ୟାସାର୍ଦ୍ଧ ଅଂଚଳରେ ବୁଲି ଦେଖିବେ। ସମ୍ଭାବ୍ୟ ବାର୍ଡ ଫ୍ଲୁ ସଂକ୍ରମଣ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ଅଜିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପକ୍ଷରୁ ଏବେ ଓୟୁଏଟି ଫାର୍ମ ଓ ଏହାର ୧ କିମି ପରିଧି ମଧ୍ୟରେ କୁକୁଡ଼ା ମରା ଅଭିଯାନ ଆରମ୍ଭ ହୋଇଥିବାବେଳେ ଏଥିରେ ନିୟୋଜିତ କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହିତ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସେମାନଙ୍କୁ ଟାମି ଫ୍ଲୁ ବଟିକା ନିୟମିତ ଖାଇବାକୁ ଦିଆଯାଉଛି ।ବାର୍ଡ ଫ୍ଲୁ ସଂକ୍ରମଣ ପ୍ରତିରୋଧ ପାଇଁ ଓୟୁଏଟିର ୧୦ କିମି ପରିଧି ମଧ୍ୟରେ ଘରକୁ ଘର ବୁଲି ଜନସାଧାରଣଙ୍କର ସ୍ୱାସ୍ଥ୍ୟ ସର୍ବେକ୍ଷଣ କରାଯାଉଛି । ଏଥି ସଙ୍ଗେ ସଙ୍ଗେ କ'ଣ କରିବା ଉଚିତ ଏବଂ ଅନୁଚିତ ଏ ସଂପର୍କରେ ଲୋକମାନଙ୍କୁ ସଚେତନ କରାଯାଉଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, କ୍ୟାପିଟାଲ୍ ହସ୍‌ପିଟାଲ୍‌ର ନିର୍ଦ୍ଦେଶକ ଓ ସମସ୍ତ ମେଡିକାଲ୍ କଲେଜ୍ ଓ ଏମସ୍ କର୍ତୃପକ୍ଷଙ୍କୁ ସତର୍କ ଓ ପ୍ରସ୍ତୁତ ରହିବା ସହିତ ଆଇସୋଲେସନ୍ ୱାର୍ଡର ସୁବିଧା ଉପଲବ୍ଧ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।ଆସନ୍ତାକାଲି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଏକ ଉଚ୍ଚସ୍ତରୀୟ ଟିମ୍ ବାର୍ଡ ଫ୍ଲୁ ଆକ୍ରାନ୍ତ ଅଂଚଳକୁ ପରିଦର୍ଶନରେ ଆସୁଛନ୍ତି ।






## ଗର୍ଭପାତ ସଂଶୋଧନ ବିଲକୁ କ୍ୟାବିନେଟ ମଞ୍ଜୁରି

ନୂଆଦିଲ୍ଲୀ, ୨୯।୧(ପି.ଏନ): ପଦ୍ଧତିରେ ଗର୍ଭପାତ (ସଂଶୋଧନ) ବିଲ ୨୦୨୦ ଆଗତ କରିବା ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି। ଏହି ବିଲ ସଂସଦର ଆଗାମୀ ଅଧିବେଶନରେ ଉପସ୍ଥାପନ କରାଯିବ। ଏହି ବିଲ୍ ଆସିବା ପରେ ଗର୍ଭାବସ୍ଥାର ୨୦ ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ କରାଇବା ଲାଗି ଜଣେ ଚିକିତ୍ସକଙ୍କ ପରାମର୍ଶ ନେବାର ଆବଶ୍ୟକତା ଏବଂ ଗର୍ଭାବସ୍ଥାର ୨୦ରୁ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରାଇବା ଲାଗି ୨ଜଣ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ ହେବ। ସ୍ୱତନ୍ତ୍ର ଧରଣର ମହିଳାଙ୍କ ପାଇଁ ଗର୍ଭପାତ ଲାଗି ଗର୍ଭାବସ୍ଥାର ସୀମା ୨୦ ରୁ ବୃଦ୍ଧି କରି ୨୪ ସପ୍ତାହ କରିବା ଲାଗି ବିଲରେ ପ୍ରସ୍ତାବ ରହିଛି । ତେବେ ନିୟମରେ ସଂଶୋଧନ ଅଣାଯାଇ ଏପରି ମହିଳାମାନଙ୍କୁ ସ୍ୱତନ୍ତ୍ର ତାଲିକାରେ ସାମିଲ କରାଯିବ। ଏମାନଙ୍କ ମଧ୍ୟରେ ଦୁଷ୍କର୍ମ ପୀଡିତା, ସମ୍ପର୍କୀୟମାନଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ଏବଂ ଦିବ୍ୟାଙ୍ଗ ଓ ନାବାଳିକାଙ୍କ ଭଳି ଅସୁରକ୍ଷିତ ମହିଳାମାନଙ୍କୁ ଏଥିରେ ସାମିଲ କରାଯିବ । ମେଡିକାଲ ବୋର୍ଡଦ୍ୱାରା ଯାଂଚ ପରେ ଶାରୀରିକ ଭ୍ରୂଣ ସମ୍ବନ୍ଧୀୟ ବିଷମତା କ୍ଷେତ୍ରରେ ଗର୍ଭାବସ୍ଥାର ଉପରିସ୍ଥ ସୀମା ଲାଗୁ ହେବ ନାହିଁ। ମେଡିକାଲ ବୋର୍ଡର ସଂଗଠକ, କାର୍ଯ୍ୟ ଓ ଅନ୍ୟାନ୍ୟ ବିବରଣୀ ଆଇନର ନିୟମ ଅନ୍ତର୍ଗତ ନିର୍ଦ୍ଧାରଣ କରାଯିବ । ଯେଉଁ ମହିଳାଙ୍କ ଗର୍ଭପାତ ହେବ ତାଙ୍କର ନାମ ଓ ଅନ୍ୟାନ୍ୟ ସୂଚନା ଆଇନ ଅନୁଯାଇ ନିର୍ଦ୍ଧାରିତ ବିଶେଷ ବ୍ୟକ୍ତିଙ୍କ ବ୍ୟତିତ ଅନ୍ୟ କାହା ସମ୍ମୁଖରେ ପ୍ରକାଶ କରାଯିବ ନାହିଁ। ମହିଳାଙ୍କ ଲାଗି ଚିକିତ୍ସାତ୍ମକ, ସୁପ୍ରଜନନ, ମାନବୀୟ ତଥା ସାମାଜିକ ଆଧାରରେ ସୁରକ୍ଷିତ ଏବଂ ବୈଧ ଗର୍ଭପାତ ସେବାର ସମ୍ପ୍ରସାରଣ କରିବା ଲାଗି ଚିକିତ୍ସା ପଦ୍ଧତି ଗର୍ଭପାତ ସଂଶୋଧନ ବିଲ ୨୦୨୦ ଅଣାଯାଉଛି । ପ୍ରସ୍ତାବିତ ସଂଶୋଧନରେ କେତେକ ଉପଧାରାକୁ ସ୍ଥାନିତ କରିବା, ବର୍ତମାନର ଗର୍ଭପାତ ଆଇନ ୧୯୭୧ରେ ନିର୍ଦ୍ଧାରିତ ସର୍ତ ସହିତ ଗର୍ଭପାତ ଲାଗି ଗର୍ଭାବସ୍ଥାର ଉପରିସ୍ଥ ସୀମା ବୃଦ୍ଧି କରିବା ଉଦ୍ଦେଶ୍ୟରେ ନୂଆ ଅନୁଚ୍ଛେଦ ଯୋଡିବା ଏହାର ଉଦ୍ଦେଶ୍ୟ । ସୁରକ୍ଷିତ ଗର୍ଭପାତ ସେବା ଓ ଗୁଣବତା ସହ ସାଲିସ ନ କରି କଠୋର ସର୍ତ ସହିତ ସାମଗ୍ରୀକ ଗର୍ଭପାତ ଯତ୍ନକୁ ପୂର୍ବାପେକ୍ଷା ଆହୁରି ଅଧିକ କଠୋର ଭାବେ ଲାଗୁ କରିବା ନିମନ୍ତେ ଏହି ବିଲ ଅଣାଯାଇଛି । ମହିଳାଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା ଏକ ବଡ ପଦକ୍ଷେପ ଏବଂ ଏହାଦ୍ୱାରା ବହୁ ସଂଖ୍ୟକ ମହିଳା ଉପକୃତ ହୋଇପାରିବେ । ନିକଟରେ ନ୍ୟାୟାଳୟରେ କେତେଗୁଡିଏ ମାମଲା ଦାୟର କରାଯାଇଥିଲା, ଏଥିରେ ଭ୍ରୂଣ ସମ୍ବନ୍ଧୀୟ ବିଷମତା ଏବଂ ଯୌନ ଶୋଷଣର ଶିକାର ମହିଳାଙ୍କ ଗର୍ଭଧାରଣ ଆଧାରରେ ଗର୍ଭପାତର ମଞ୍ଜୁରିପ୍ରାପ୍ତ ସୀମାକୁ ଅଧିକ କରିବା ଲାଗି ଅନୁମତି ମଗାଯାଇଥିଲା । ଯେଉଁ ମହିଳାମାନଙ୍କର ଗର୍ଭପାତ କରାଇବା ନିହାତି ଆବଶ୍ୟକ, ସେମାନଙ୍କ ପାଇଁ ଗର୍ଭାବସ୍ଥାର ଅବଧିରେ ପ୍ରସ୍ତାବିତ ବୃଦ୍ଧି ଫଳରେ ସେମାନଙ୍କର ଆତ୍ମସମ୍ମାନ, ସ୍ୱାୟତତା, ଗୋପନୀୟତା ଏବଂ ନ୍ୟାୟ ସୁନିଶ୍ଚିତ ହେବ । ସ୍ୱାସ୍ଥ୍ୟ ଏବଂ ପରିବାର ମନ୍ତ୍ରଣାଳୟ ପକ୍ଷରୁ ମହିଳାଙ୍କୁ ସୁରକ୍ଷିତ ଗର୍ଭପାତ ସେବା ଯୋଗାଇଦେବା ଓ ଚିକିତ୍ସା କ୍ଷେତ୍ରରେ ପ୍ରଯୁକ୍ତି ବିକାଶକୁ ଧ୍ୟାନରେ ରଖି ବିଭିନ୍ନ ଅଂଶୀଦାର ଓ ମନ୍ତ୍ରଣାଳୟଗୁଡିକ ସହିତ ବ୍ୟାପକ ବିଚାର ବିମର୍ଶ ପରେ ଗର୍ଭପାତ ଆଇନରେ ସଂଶୋଧନ ଲାଗି ପ୍ରସ୍ତାବ ଦିଆଯାଇଛି ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଚାଳ ଛପର ଘରେ ଚାଲିଛି ଜଳଧରପୁର ଗ୍ରାମପଂଚାୟତ ଉଚ୍ଚ ବିଦ୍ୟାଳୟ : ୨୫୬ ଛାତ୍ରଛାତ୍ରୀଙ୍କ ପାଇଁ ୧ପକ୍କା ଘର

ଭଦ୍ରକ: ସରକାର ଶିକ୍ଷାର ମାନବୃଦ୍ଧି ସହ ଛାତ୍ରଛାତ୍ରୀଙ୍କୁ ସ୍କୁଲ ମୁହାଁ କରିବାକୁ ବିଭିନ୍ନ ପ୍ରକାରର ଯୋଜନା ପ୍ରଣୟନ କରୁଛନ୍ତି । ପିଲାମାନେ ଯେପରି ଉନ୍ନତ ପରିବେଶରେ ପାଠ ପଢିପାରିବେ ସେଥିପାଇଁ ସବୁ ସ୍କୁଲକୁ ପକ୍କା ଘର ମଧ୍ୟ ଯୋଗାଉଛନ୍ତି । ହେଲେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକରେ ଏବେ ବି ଏମିତି ସ୍କୁଲ ଅଛି ଯେଉଁଠି ପିଲା ପଢୁଛନ୍ତି ଚାଳ ଛପର ଘରେ । ଏମିତି ଏକ ସ୍କୁଲ ହେଲା ଚାନ୍ଦବାଲି ବ୍ଲକ ନଳଗୋହିରା ପଂଚାୟତର ଜଳଧରପୁର ଉଚ୍ଚ ବିଦ୍ୟାଳୟ । ବାରମ୍ବାର ଦାବି ପରେ ବି ପକ୍କା ଘର ହୋଇପାରୁନଥିବା ଅଭିଯୋଗ ହୋଇଛି । ଏ ହେଉଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନଳଗୋହିରା ପଂଚାୟତରେ ଥିବା ଜଳଧରପୁର ଗ୍ରାମପଂଚାୟତ ଉଚ୍ଚ ବିଦ୍ୟାଳୟ । ଏହି ପଂଚାୟତରେ ମାତ୍ର ଏହି ଗୋଟିଏ ଉଚ୍ଚ ବିଦ୍ୟାଳୟ । ଏହି ସ୍କୁଲ ଉପରେ ନଳଗୋହିରା ଓ ଚଡଦିଆ ୨ପଂଚାୟତର ୧୨ଗୋଟି ଗାଁର ପିଲାମାନେ ପାଠ ପଢିଥାନ୍ତି ହେଲେ ସ୍କୁଲର ଅବସ୍ଥା ଏମିତି ଛାତ୍ରଛାତ୍ରୀମାନେ ସ୍କୁଲଠୁ ମୁହଁ ଫେରାଉଥିବା କୁହନ୍ତି ସ୍କୁଲର ପ୍ରଧାନଶିକ୍ଷକ । ଦୁଃଖ ଓ ପରିତାପର ବିଷୟ ସ୍କୁଲ ହେବା ଦିନଠାରୁ ଚାଳ ଛପର ଘରେ ଚାଲିଛି ଜଳଧରପୁର ଉଚ୍ଚ ବିଦ୍ୟାଳୟ । ଅଧା ଇଟା କାନ୍ଥ ଉପରେ ଚାଳ ଛପର ଘର । ଏମିତିକି ଇଟା କାନ୍ଥରୁ ଇଟା ଖସିଗଲାଣି ତାହାସହ ଜାଗେ ଜାଗେ ମଧ୍ୟ ଇଟା ଖସି ରଡ ଦେଖାଗଲାଣି । ଖାଲି ଏତିକି ନୁହେଁ ପିଲାମାନେ ବସି ପଢୁଥିବା ଘରେ କବାଟ ଓ ଝରକା ମଧ୍ୟ ଅଧାଭଙ୍ଗା ଅବସ୍ଥାରେ ଅଛି । ତେବେ ଏହି ଉଚ୍ଚ ବିଦ୍ୟାଳୟଟି ନାନାବିଧି ସମସ୍ୟା ଭିତରେ ଗତି କରୁଥିଲେ ବି ସମସ୍ୟାର ସମାଧାନ କେହି କରୁନଥିବା ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ । ଛାତ୍ରଛାତ୍ରୀଙ୍କ ପାଇଁ ଏକ ପକ୍କା ସ୍କୁଲ ଘର ପାଇଁ ଅଭିଭାବକମାନେ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପାଖରେ ଦାବି କରିଆସୁଥିଲେ ବି ପକ୍କା ଘର ଯେପରି ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱପ୍ନ ପାଲଟିଛି । ୧୯୮୨ ମସିହାରେ ଏହି ସ୍କୁଲ ସ୍ଥାପନ କରାଯାଇଥିଲା । ତେବେ ସ୍କୁଲଟି ଯେତିକି ପୁରୁଣା ଏହାର ସମସ୍ୟା ମଧ୍ୟ ସେତିକି ଅଧିକ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## 'ଆମ୍ଭେ ଭାରତବାସୀ' ପକ୍ଷରୁ ସତ୍ୟାଗ୍ରହ ୩ୟ ଦିନରେ

ଭଦ୍ରକ: ନାଗରିକତା ସଂଶୋଧନ ଆଇନ - ୨୦୧୯, ରାଷ୍ଟ୍ରୀୟ ନାଗରିକ ପଞ୍ଜିକା ଓ ଜାତୀୟ ଜନସଂଖ୍ୟା ପଞ୍ଜିକା ବିରୁଦ୍ଧରେ 'ଆମ୍ଭେ ଭାରତବାସୀ' ଭଦ୍ରକ ଜିଲ୍ଲା ପକ୍ଷରୁ ଭଦ୍ରକ ପୁରୁଣାବଜାର ସ୍ଥିତ ମଦିନା ମଇଦାନରେ ଜାରି ରହିଥିବା ସତ୍ୟାଗ୍ରହ ଆଜି ୩ୟ ଦିନରେ ପହଞ୍ଚିଛି । ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମିଳିଥିବା ଭୋଟର ପରିଚୟପତ୍ର ଓ ଆଧାର କାର୍ଡ ମାଧ୍ୟମରେ ଭାରତର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଠାରୁ ଆରମ୍ଭ କରି, ବିଧାୟକ ଓ ସାଂସଦ ମାନଙ୍କୁ ଭାରତବାସୀ ନିର୍ବାଚିତ କରିଛନ୍ତି। ରାଷ୍ଟ୍ରୀୟ ନାଗରିକ ପଞ୍ଜିକା ମାଧ୍ୟମରେ ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ଭୋଟର ପରିଚୟପତ୍ର, ଆଧାର କାର୍ଡ ଓ ପାନ କାର୍ଡ ପ୍ରଭୃତି ଅକାମୀ ହେବାକୁ ଯାଉଥିବା ବେଳେ ଯେଉଁ ଭୋଟର ପରିଚୟପତ୍ର ବଳରେ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଥିଲେ। ସେହି ପ୍ରଧାନ ମନ୍ତ୍ରୀ ପ୍ରଥମେ ଇସ୍ତଫା ଦେବା ଆବଶ୍ୟକ ବୋଲି ସତ୍ୟାଗ୍ରହ ସ୍ଥଳୀରେ ମତ ପ୍ରକାଶ ପାଇଛି। ଆମ ଦେଶର ଅର୍ଥନୀତି ଗେଟେ ପଟେ ଭୁଷୁଡି ପଡ଼ିଥିବାରୁ ଦେଶରେ ବେକାରୀ ସମସ୍ୟା ଉତ୍କଟ ରୂପ ନେଇଛି। କଳକାରଖାନା ଗୋଟେ ପରେ ଗୋଟେ ବିକ୍ରି ହେଉଛି। ଆମ ଦେଶର ମୋଟ ଘରୋଇ ଉତ୍ପାଦ ଦେଶର ଆର୍ଥିକ ନୀତି ପ୍ରଚଳନ ଠାରୁ ସବୁଠାରୁ ନିମ୍ନରେ ପହଞ୍ଚିଛି। ଆମ ଦେଶରେ ୬ ବର୍ଷ ଭିତରେ ୭୩,୦୦୦ ଚାଷୀ ଆତ୍ମହତ୍ୟା କରିଛନ୍ତି। ୧୪ ହଜାର ଶ୍ରମିକ ଆତ୍ମହତ୍ୟା କରିଛନ୍ତି। ୧୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଦେଶର ଅର୍ଥନୀତିକୁ ଚଳାଇବାରେ ବିଫଳ ମୋଦି ସରକାର ତାକୁ ଘୋଡାଇବାକୁ ଯାଇ ସମ୍ବିଧାନ ବିରୋଧୀ ନାଗରିକତା ସଂଶୋଧନ ଆଇନ, ରାଷ୍ଟ୍ରୀୟ ନାଗରିକ ପଞ୍ଜିକା, ଜାତୀୟ ଜନ ଗଣନା ପଞ୍ଜିକା ଲାଗୁ କରିଛନ୍ତି। ତାହାକୁ ଦେଶ ତମାମ ବିରୋଧ କରାଯାଇଛି।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯିବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଶାନ୍ତି ଓ ଅହିଂସାର ପରମପୂଜାରୀ: ମହାତ୍ମାଗାନ୍ଧୀ

ଜେନାମଣି ଲକ୍ଷ୍ମୀକାନ୍ତ



ସମୟ ଓ ଜୁଆର କାହାକୁ ଅପେକ୍ଷା କରେନାହିଁ। ସ୍ମୃତିର ସ୍ଲେଟ୍‌ରୁ ସମୟର ପାଣିକନା ବହୁକିଛି ସ୍ମୃତିଲେଖା ପୋଛିନିଏ। ଅଥଚ କିଛି ସ୍ମୃତିର କଣ୍ଟାଗାର ପୋଛି ନହୋଇ ସେଇମିତି ଅକ୍ଷତ ରହିଯାଏ। ଆଜିଠାରୁ ଠିକ୍ ୭୨ ବର୍ଷ ତଳେ ଦିଲ୍ଲୀସ୍ଥିତ ବିରଳା ଭବନ ପରିସରରେ ପ୍ରାର୍ଥନାସ୍ଥଳିକୁ ଆସିବା ବାଟରେ ଜନୈକ ଧର୍ମାନ୍ଧ ଆତତାୟୀ ନାଥୁରାମ ଗଡ୍‌ସେଙ୍କ ତିନି ଗୁଳିଚୋଟରେ ଜାତିର ଜନକ ଅହିଂସା ଓ ଶାନ୍ତିର ବିଶ୍ୱବିଶ୍ରୁତ ଚଳନ୍ତି ଶିଖର ପୁରୁଷ ମହାତ୍ମାଗାନ୍ଧୀ 'ହେ ରାମ!' ଶେଷୋଚ୍ଚାରଣରେ ଟଳି ପଡ଼ିଲେ, ୧୯୪୮ ମସିହା ଜାନୁଆରୀ ୩୦ ତାରିଖରେ। ସ୍ୱାଧୀନତା ପ୍ରାପ୍ତିର ମାତ୍ର ସାଢ଼େ ପାଞ୍ଚମାସ ହୋଇଥାଏ। ଆମ ଜାତୀୟ ଜୀବନରେ ସେଇଦିନ ଥିଲା ସବୁଠାରୁ କଳଙ୍କ-କାଳିମାଭରା ଦୁଃଖଦ ଦିବସ। ଅହିଂସା, ଶାନ୍ତି, ସତ୍ୟାଗ୍ରହ, ମୈତ୍ରୀ ଓ ସଂପ୍ରୀତିର ଅଜେୟ ଦେବଦୂତ ଓ ମାର୍ଗଦର୍ଶୀ ମହାମନୀଷୀ ତଥା ଧର୍ମନିରପେକ୍ଷ ସାର୍ବଭୌମ ଭାରତର ସ୍ୱରାଜ୍ୟ ସ୍ୱପ୍ନଦ୍ରଷ୍ଟା ଏବଂ ମୁକ୍ତିସଂଗ୍ରାମର ଅପ୍ରତିଦ୍ୱନ୍ଦ୍ୱୀ କର୍ଣ୍ଣଧାର ଶେଷରେ ଜନୈକ ଧର୍ମାନ୍ଧ ଆତତାୟୀ ଗୁଳିରେ ପ୍ରାଣତ୍ୟାଗ କଲେ। ସମଗ୍ର ରାଷ୍ଟ୍ର ଅନାଥ ବନିଗଲା। ଆଶାର ଅରୁଣିମା ନିଷ୍ପ୍ରଭ ହୋଇଗଲା। ମାନବୀୟ ଶାନ୍ତି-ମୈତ୍ରୀ ଓ ସର୍ବାଙ୍ଗୀନ କଲ୍ୟାଣକାମୀ ସୂର୍ଯ୍ୟତୃଷ୍ଣାରେ ସମର୍ପିତ ଏକ ମହାନ୍ ଜୀବନର ଅବସାନ ଘଟିଲା। କେବଳ ଜୀବଦ୍ଦଶା ନୁହେଁ, ତିରୋଧାନ ଉତ୍ତାରୁ ଏଇ ବିଗତ ୭୨ ବର୍ଷ ଅବର୍ତ୍ତମାନରେ, ଚଳିତ ଶତାବ୍ଦୀର ସବୁଠାରୁ ବହୁଚର୍ଚ୍ଚିତ ଶିଖରପୁରୁଷରୂପେ (ଏବଂବିଧ ସାମୟିକ ସମାଲୋଚନା, କୁତ୍ସା ଓ ଜନସମାଜରେ ନିଉନ କଳାଭଳି ଚରିତ୍ରସଂହାରର ଅପପ୍ରୟାସକୁ ପ୍ରତିହତ କରି), ମହାତ୍ମାଗାନ୍ଧୀ ଏବେ କେବଳ ଭାରତ ଭୂଖଣ୍ଡ ନୁହେଁ, ସମଗ୍ର ବିଶ୍ୱର କୋଣେ ଅନୁକୋଣେ ବିମୂର୍ତ୍ତ ବର୍ତ୍ତମାନରେ। ସବୁଠୁ ପ୍ରୀତିଭାଜନେଷୁ ମହାମାନବରୂପେ ପ୍ରଥିତଯଶା, ପ୍ରଖ୍ୟାତ ଏବଂ ସମାଦୃତ। ବହୁ ବିଳମ୍ବରେ ହେଲେହେଁ ଶତାବ୍ଦୀର ମୁକ୍ତିସୂର୍ଯ୍ୟ ମହାତ୍ମାଙ୍କ ବଳିଦାନ ଦିବସ ଏବଂ ସମଗ୍ର ବିଶ୍ୱରେ ଅନ୍ତଃରାଷ୍ଟ୍ରୀୟ ଅହିଂସା ଦିବସ ରୂପେ ଅଂଗୀକୃତ ଏବଂ ପାଳିତ। ଅବର୍ତ୍ତମାନରେ ଗାନ୍ଧିଜୀଙ୍କର ଦିଶା ଓ ଦର୍ଶନ ଏବେବି ଯେଭଳି ପ୍ରାସଙ୍ଗିକ, ସେଭଳି କାଳଜୟୀ ଓ ଅମ୍ଳାନ, ଏଥିରେ ଦ୍ୱିମତ ନଥାଇପାରେ।

ଅହିଂସା, ସତ୍ୟ ଓ ଶାନ୍ତିର ପରମପୂଜାରୀ ମହାତ୍ମାଗାନ୍ଧୀ ଆମ ମୁକ୍ତିସଂଗ୍ରାମର ଥିଲେ ଅଜେୟ କର୍ଣ୍ଣଧାର। ଅହିଂସ୍ର ଓ ଶାନ୍ତିପୂର୍ଣ୍ଣ ମାର୍ଗରେ ଭାରତର ସ୍ୱାଧୀନତା ଲାଭ ସମଗ୍ର ବିଶ୍ୱକୁ ଅଭିଭୂତ କରିଥିଲା। କେବଳ ଅନ୍ୟାୟ ବିରୋଧରେ ସଂଘର୍ଷ ନୁହେଁ, ପରନ୍ତୁ ଦଳିତ, ଶୋଷିତ ଓ ପୀଡ଼ିତ ମଣିଷର ଅନ୍ତୋଦୟ ଏବଂ ସର୍ବାଙ୍ଗୀନ କଲ୍ୟାଣ ନିମିତ୍ତ ବିବିଧ ରଚନାତ୍ମକ କାର୍ଯ୍ୟରେ ନିଜକୁ ଅନୁବନ୍ଧିତ ରଖିଥିଲେ। ଚାହିଦାଭିତ୍ତିକ ରଚନାତ୍ମକ କାର୍ଯ୍ୟକ୍ରମକୁ ଜନଜୀବନ ସହ ସଂଯୋଜିତ, ସାଂପ୍ରଦାୟିକ ଏକତା, ଅସ୍ପୃଶ୍ୟତା ନିବାରଣ, ଚରଖା ସଂଚାଳନ, କୁଟୀର ଶିଳ୍ପ ଉନ୍ନୟନ, ମହିଳା ଓ ଶିଶୁ କଲ୍ୟାଣ ଏବଂ ଶ୍ରମଜୀବୀଙ୍କ କଲ୍ୟାଣ ସାଧନାଦି ବହୁ ଉପେକ୍ଷିତ ଏବଂ ଜ୍ୱଳନ୍ତ ପ୍ରସଙ୍ଗ ଓ କ୍ଷେତ୍ରକୁ ସଂପ୍ରସାରିତ କରିଥିଲେ। ସେ ଥିଲେ ଏକାଧାରରେ କୃତବିଦ୍ ରାଷ୍ଟ୍ରନାୟକ, ଚିନ୍ତାନାୟକ ଏବଂ ପ୍ରଜ୍ଞାପୁରୁଷ। ପାରିବାରିକ ବୈଷ୍ଣବ ଧର୍ମ, ସଂସ୍କାର, ଗୀତା, ଉପନିଷଦ, ବେଦାନ୍ତ ଯୋଗ ଓ ଜୈନଧର୍ମର ଶୀଳାଚାରଠାରୁ ଆରମ୍ଭ କରି ତାଙ୍କ ଦିବ୍ୟଚେତନାକୁ ବାରାନ୍ତରରେ ପୁଷ୍ଟଳ ଓ ସୁରଭିତ କରିଥିବା ପ୍ରଜ୍ଞାପୁରୁଷ ଓ ମାର୍ଗଦର୍ଶୀ ମନିଷୀମାନେ ଥିଲେ-ଜୈନମୁନି ଶ୍ରୀ ରାୟ ଚନ୍ଦଭାଇ, ରୁଷୀୟ ସାରସ୍ୱତ ପୁରୁଷ ଲିଓ ଟଲ୍‌ଷ୍ଟୟଙ୍କ ଅହିଂସାତ୍ମକ ବିଚାର, ବାଇବେଲ୍‌ର ପର୍ବତ ପ୍ରବଚନ, ଜନ୍ ରସ୍କିନ୍‌ଙ୍କ ଆତ୍ମବଳ ଦିଗ୍‌ଦର୍ଶନ, ମାର୍କ୍ସ, ଏଞ୍ଜେଲ୍, ଷ୍ଟାଲିନ୍, ଲେନିନ୍, ରସେଲ୍ ଓ ଆରିଷ୍ଟୋଟଲ୍ ଏବଂ ମାଓ-ସେ-ତୁଙ୍ଗ୍ ପ୍ରମୁଖ।

ଗାନ୍ଧୀ ବିଚାରଧାରାରେ ବୈଦିକ ପ୍ରଜ୍ଞା, ଗୀତାର କର୍ମଯୋଗ, ମହାତପୀ ପରମ କାରୁଣିକ ବୁଦ୍ଧଙ୍କର କରୁଣା, ବାଇବେଲ୍‌ରେ ଇସାଙ୍କ ତ୍ୟାଗ ତିତିକ୍ଷା ଓ ବଳିଦାନ, କୋରାନର ଭାଇଚାରା, ଜୈନ ଓ ବୈଷ୍ଣବ ଧର୍ମର ଅହିଂସାଚରଣ ତାଙ୍କ ଦିଶା ଦର୍ଶନର ଅଭିନ୍ନ ଅଙ୍ଗରୂପେ ଅଙ୍ଗୀକୃତ ହୋଇଥିଲା କାଳକ୍ରମେ। ତାଙ୍କ ମନରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପ୍ରତି ସମାନ ଓ ସମତୁଲ ଶ୍ରଦ୍ଧା ଏବଂ ଆଦର ଥିଲା। ସିଏ ଥିଲେ ଅହିଂସା, ଶାନ୍ତି ଓ ସତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ଦେବଦୂତ। ତାଙ୍କ ଦୃଷ୍ଟିରେ ସତ୍ୟାଚରଣ ଏବଂ ସତ୍ୟର ସର୍ବୋତ୍ତମ ଦୀପ୍ତି ଏବଂ ଦ୍ୟୁତି ପ୍ରାପ୍ତି ନିମିତ୍ତ ଆତ୍ମଶୁଦ୍ଧି ସବୁଠାରୁ ବେଶୀ ଅପରିହାର୍ଯ୍ୟ। ମଣିଷର ଅନ୍ତର୍ନିହିତ ଧର୍ମ ଓ ଦର୍ଶନ ଅନୁବନ୍ଧିତ ଚିନ୍ତନ ଏବଂ ଚେତନାର ସମୁଚିତ ବିକାଶ ନିମିତ୍ତ ସତ୍ୟ ଓ ଅହିଂସାର ଅମୋଘ ଅସ୍ତ୍ର ଦ୍ୱୟ ଦେବଦତ୍ତ ଏକ ସ୍ୱର୍ଗୀୟ ସାହଚର୍ଯ୍ୟ ସ୍ୱରୂପ। ଅନ୍ତରାତ୍ମା ଶୁଦ୍ଧିକରଣ ନିମିତ୍ତ ଜୀବନରେ ସତ୍ୟ, ଅହିଂସା, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଏବଂ ଅପରିଗ୍ରହକୁ ଆପଣାଇବା ପାଇଁ ପ୍ରତ୍ୟେକ ମଣିଷ କାୟମନୋବାକ୍ୟରେ ପ୍ରୟାସୀ ଓ ପ୍ରଯତ୍ନଶୀଳ ହେବା ଚାହି। ତାଙ୍କ ନିର୍ଣ୍ଣୟାନୁଯାୟୀ ମଣିଷ-ମାତ୍ରେ ସ୍ୱଭାବତଃ ଅହିଂସା ଓ ଶାନ୍ତିପ୍ରିୟ। କେବଳ ପରିସ୍ଥିତି ଓ ବ୍ୟତିକ୍ରମ କାରଣ ହେତୁ ମଣିଷ ହିଂସ୍ର ଓ କ୍ରୋଧୀ ବନିଯାଏ।

ଗାନ୍ଧିଜୀ ଅହିଂସାକୁ ବିଶ୍ୱପୃଷ୍ଠରେ ସର୍ବାଧିକ ଶକ୍ତିଶାଳୀ ଅମୋଘ ଅସ୍ତ୍ର ବୋଲି ମାନୁଥିଲେ। ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର, ଶକ୍ତିସମ୍ପନ୍ନ ପ୍ରବଳପ୍ରତାପୀ ବ୍ରିଟିଶ୍ ସାମ୍ରାଜ୍ୟ ବିରୋଧରେ ଏହି ଅହିଂସାସ୍ତ୍ରର ପ୍ରୟୋଗ କରି ପରିଶେଷରେ ବ୍ରିଟିଶ୍‌ରାଜକୁ ପରାସ୍ତ ଏବଂ ପଦାନତ କରି ଭାରତର ସ୍ୱାଧୀନତା ହାସଲ କରିଥିଲେ। ଗାନ୍ଧିଜୀ କହୁଥିଲେ ଅହିଂସାସ୍ତ୍ର ବୀର ଓ ଯୋଦ୍ଧାର ଅବ୍ୟର୍ଥ ଆୟୁଧ। ପରନ୍ତୁ ଭୀରୁ ଓ କାପୁରୁଷର ନୁହେଁ। ଅହିଂସାଚରଣ କ୍ରମଶଃ ବ୍ୟକ୍ତିକୁ ନିର୍ଭୀକ, ସାହସୀ, ଧୈର୍ଯ୍ୟବାନ୍, ସହିଷ୍ଣୁ ଏବଂ ପରାକ୍ରମୀ କରିବସେ। ସିଏ ଏଭଳି ଏକ ଶୌର୍ଯ୍ୟର ଅଧିକାରୀ ହୋଇବସେ, ଯାହାକୁ ସାମ୍ନା କରିବାର ସାମର୍ଥ୍ୟ ଓ ଶକ୍ତି ହିଂସା ବା ହିଂସ୍ରକ ନ ହୋଇ ଅହିଂସ୍ର ହୋଇଥାଏ।

ଅହିଂସାର ଦ୍ୱାହି ନେଇ ଲୋକେ ଖେପି ଉଠିବା ଏକାନ୍ତ ଅନୁଚିତ। ଆମେ ଅହିଂସାର ସ୍ୱରୂପ ଓ ରୂପରେଖକୁ ସ୍ପଷ୍ଟରୂପେ ବୁଝିବା ସହ ତା'ର ଉପଯୋଗିତାକୁ ଅଙ୍ଗୀକାର କଲାଉତ୍ତାରୁ, ତା'ର ଆଚରଣ ଓ ବିଶ୍ୱସ୍ତ ପରିପାଳନ ଦୁରୁହ ନହୋଇ ସୁଗମ୍ୟ ଓ ସହଜସାଧ ହୋଇଥାଏ। ବାପୁଙ୍କର ଅହିଂସୋତ୍ତର ବ୍ୟାଖ୍ୟା ବସ୍ତୁତଃ ଭାରତୀୟ ଦର୍ଶନର ମୂଳସିଦ୍ଧାନ୍ତ ଉପରେ ଆଧାରିତ। ଗାନ୍ଧିଜୀ ହିଂସା ପରିହାରର ସୀମା ସରହଦ ଅତିକ୍ରମଣ କରି, ଅହିଂସାକୁ ବହୁଜନହିତାୟ ଓ ବହୁଜନସୁଖାୟ ଉଦ୍ଦେଶ୍ୟରେ ସାମାଜିକ ଓ ରାଜନୈତିକ ଜୀବନରେ ଆଧାରରୂପେ ରୂପାନ୍ତରିତ କରିବାରେ ସତତ ସଚେଷ୍ଟ ଓ ପ୍ରଯତ୍ନଶୀଳ ଥିଲେ। ଗାନ୍ଧୀ ସମର୍ଥିତ ଅହିଂସା ତିନୋଟି ସ୍ତରରେ ପର୍ଯ୍ୟବେଶିତ। ତାହା ହେଉଛି, (୧) ଜାଗ୍ରତ ଅହିଂସା, (୨) ଔଚିତ୍ୟପୂର୍ଣ୍ଣ ଅହିଂସା ଏବଂ (୩) ଭୀରୁ ଓ କାପୁରୁଷର ଅହିଂସା। ତାଙ୍କ ନିର୍ଣ୍ଣୟାନୁଯାୟୀ ଅହିଂସା ମାଧ୍ୟମରେ ଏକ ନ୍ୟାୟସଂଗତ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ନିର୍ମାଣ ଅବଶ୍ୟମ୍ଭାବୀ। ଏହା ହିଂସା, ସନ୍ତ୍ରାସ ଓ ପାଶବିକ ଅପରାଧକୁ ଅବଦମିତ କରିବା ସଙ୍ଗେ ସଙ୍ଗେ ବିଶ୍ୱଶାନ୍ତି ସଂସ୍ଥାପନରେ ସହାୟକ ହେବ, ଏଥିନେଇ ସିଏ ସୁସ୍ଥିର ଏବଂ ନିଶ୍ଚିନ୍ତ ଥିଲେ। ଅହିଂସା ଓ ଶାନ୍ତିର ବିଶ୍ୱବିଶ୍ରୁତ ମହାମାନ୍ତ୍ରିକ ମହାତ୍ମାଗାନ୍ଧୀ ବାସ୍ତବରେ ଥିଲେ ଜଣେ ବାସ୍ତବବାଦୀ ଆଦର୍ଶ ମନିଷୀ। ତାଙ୍କ ପାଇଁ, "The means were as important as the ends." ସେ ଦୃଢ଼ତାର ସହ କହୁଥିଲେ-"To me means are after all every thing. As the means so the end. There is no wall of separation between the means and the end, except some invioleble connection as there is between the seed and the tree." ଏହା ଦୋହରାଇବା ଅନାବଶ୍ୟକ ଯେ ଗାନ୍ଧିଜୀ ପ୍ରଶଂସା, ସମ୍ମାନ, ପଦପଦବୀ ଅଳଂକରଣ ଓ ପୁରସ୍କାର ପ୍ରତ୍ୟାଶାର ବହୁ ଊର୍ଦ୍ଧ୍ୱରେ ଥିଲେ। ଏକଦା ଇତିହାସରେ ଭଲ କରୁ ନଥିବା ବୀରସିଂହ କିଶୋର ଛାତ୍ର ମୋହନ ଦାସ, ପରବର୍ତ୍ତୀ ଜୀବନରେ ଇତିହାସର ଶିଖରପୁରୁଷ ରୂପରେ ନିଜକୁ ପ୍ରତିଷ୍ଠିତ କରିବାରେ କୃତବିଦ୍ୟ ଥିଲେ। ଯେଉଁ ଅହିଂସା ଓ ଶାନ୍ତିର ମହାମାନ୍ତ୍ରିକ ଥରେଥରେ ନୁହେଁ, ପାଞ୍ଚଥର ବିଶ୍ୱବିଶ୍ରୁତ ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ମନୋନୟନ ସତ୍ତ୍ୱେ, ଚରମ ଅବିଚାର ଓ ପ୍ରବଞ୍ଚନାପୂର୍ବକ ନରୱେ ନୋବେଲ କମିଟିର ବରେଣ୍ୟ ଓ ପ୍ରାଜ୍ଞ ବିଚାରକ ସଦସ୍ୟଗଣ ଗାନ୍ଧିଜୀଙ୍କୁ ନୋବେଲ୍ ଶାନ୍ତି ପୁରସ୍କାରରୁ ବଞ୍ଚିତ ଏବଂ ନିବର୍ତ୍ତନ କରିଥିଲେହେଁ, ଅହିଂସା ଓ ଶାନ୍ତିର ବିଶ୍ୱ-ବିଶ୍ରୁତ ମହାମାନ୍ତ୍ରିକ ଓ ଅଗ୍ରଦୂତ, ଗାନ୍ଧିଜୀଙ୍କୁ ତାଙ୍କ ମହାନିର୍ବାଣର ଛଅ ଦଶନ୍ଧି ପରେ ଜାତିସଂଘ ଦ୍ୱାରା ଅକୁଣ୍ଠ ଅଙ୍ଗୀକାର ଓ ସର୍ବବାଦସମ୍ମତ ମର୍ଯ୍ୟାଦାବନ୍ତ ସମ୍ମାନାର୍ଥେ, ସ୍ୱନାମଧନ୍ୟ ଅନ୍ତଃରାଷ୍ଟ୍ରୀୟ ଅହିଂସା ଦିବସରୂପେ ପରିପାଳନ ନିମିତ୍ତ ଗୃହୀତ ଐତିହାସିକ ସିଦ୍ଧାନ୍ତ, ବାରାନ୍ତରରେ ଚେତାଇଦିଏ, ସେଇ ବିଶ୍ୱ-ବିଶ୍ରୁତ ଶିଖରପୁରୁଷ ଏବେବି କିଭଳି ପ୍ରାସଙ୍ଗିକ ଏବଂ ପ୍ରଥିତଯଶା। କିଛିଦିନ ତଳେ ୨୦୦୯ ବର୍ଷର ନୋବେଲ୍ ଶାନ୍ତି ପୁରସ୍କାର ବିଜେତା ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ବାରେକ୍ ଓବାମା, ୱାଶିଂଟନ୍‌ରେ ଏକ ସାମ୍ବାଦିକ ସମ୍ମିଳନୀରେ ନିଜସ୍ୱ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଅବସରରେ ଏହା ସ୍ୱୀକାର କରିଥିଲେ ଯେ, ଆମେରିକାର ନାଗରିକବୃନ୍ଦ ଭାରତର ରାଷ୍ଟ୍ରପିତାଙ୍କ ନିକଟରେ ଏକାନ୍ତ କୃତଜ୍ଞ ଓ ଅନୁରଣୀ। କାରଣ ଆଜି ବି ଆମେରିକାର ହିଂସାବିରୋଧୀ ଆନ୍ଦୋଳନ ପାଇଁ ମହାତ୍ମାଗାନ୍ଧୀ ଆଦର୍ଶ ଓ ପ୍ରେରଣାପୁରୁଷରୂପେ ଦଣ୍ଡାୟମାନ। ଗାନ୍ଧିଜୀଙ୍କ ପୁଣ୍ୟ ଜନ୍ମତିଥି ଅକ୍ଟୋବର ୨, ୨୦୦୯ ଅବସରରେ ପ୍ରଦତ୍ତ ଶ୍ରଦ୍ଧାର୍ଘ୍ୟ ପରିପ୍ରେକ୍ଷୀରେ ଓବାମାଙ୍କର ସ୍ୱଗତୋକ୍ତି ଥିଲା-''ଗାନ୍ଧିଜୀଙ୍କ ଆଦର୍ଶ ଓ ମାର୍ଗଦର୍ଶୀ ଅହିଂସା ଏବଂ ଶାନ୍ତି ନୀତିର ଅନୁଗାମୀ ମାର୍ଟିନ୍ ଲୁଥର୍ କିଙ୍ଗ୍‌ଙ୍କୁ ୧୯୫୯ରେ ଭାରତ ପରିଦର୍ଶନ ନିମିତ୍ତ ଆକର୍ଷିତ କରିଥିଲା। ଗାନ୍ଧିଜୀଙ୍କ ପ୍ରଦର୍ଶିତ ଆନ୍ଦୋଳନ ବଳରେ ସେତେବେଳର ସାମାଜିକ ଅଧିକାର ପାଇଁ ବଳବତ୍ତର କ୍ରାନ୍ତିକୁ ସଫଳତାରେ ରୂପାନ୍ତରିତ କରିଥିଲା। ବିଶ୍ୱବିଶ୍ରୁତ ସେହି ମହାନାୟକଙ୍କ ବଳିଦାନ (୨୦୧୩) ଦିବସ ଅବସରରେ ଗାନ୍ଧୀଦର୍ଶନ ଓ ଜୀବନଚର୍ଯ୍ୟାକୁ ଲୋକାଭିମୁଖୀ କରିବା ନିମିତ୍ତ ଆମେରିକା ପ୍ରଶାସକ ବିବିଧ କାର୍ଯ୍ୟକ୍ରମମାନ ହାତକୁ ନେବା ନିମିତ୍ତ ପ୍ରତିଶ୍ରୁତିବଦ୍ଧ। ଗାନ୍ଧିଜୀ ତାଙ୍କ ଅବର୍ତ୍ତମାନର ଛଅ ଦଶନ୍ଧି ପରେ ଏବେବି ବିମୂର୍ତ୍ତ ଏବଂ ଚଳନ୍ତି ବିଗ୍ରହ ବିଶ୍ୱର କୋଣ ଅନୁକୋଣରେ। ହିଂସାଜର୍ଜରିତ ସମଗ୍ର ବିଶ୍ୱରେ ମହାମାନ୍ତ୍ରିକ ଗାନ୍ଧିଜୀଙ୍କ ଅହିଂସା ଓ ଶାନ୍ତିର ମାର୍ଗଦର୍ଶନ ଏବେ ଯେଭଳି ପ୍ରାସଙ୍ଗିକ, ସେଭଳି ସର୍ବାଦୌ କରଣୀୟ। ଏହି ମହାମନିଷୀଙ୍କ ବଳିଦାନ ଦିବସ ପରିପାଳନ ନିମିତ୍ତ ଯୁକ୍ତରାଷ୍ଟ୍ର ଆମେରିକା ଭାରତବାସୀଙ୍କ ସହ ଅନୁବନ୍ଧିତ।''

ସତରେ ନିଶ୍ଚିତ ପ୍ରାପ୍ୟ ନିରନ୍ତର ପ୍ରତିବନ୍ଧକଶୂନ୍ୟ ନୁହେଁ। ସମୁଚିତ ସୁବିଚାର ଓ ନ୍ୟାୟ ନିର୍ଣ୍ଣୟ ପ୍ରକ୍ରିୟା ମଧ୍ୟ ତ୍ରୁଟିବିଚ୍ୟୁତିମୁକ୍ତ ନୁହେଁ। ସଂପ୍ରତି ଆମେରିକାର ପ୍ରତ୍ୟକ୍ଷ ଓ ପରୋକ୍ଷ ତତ୍ତ୍ୱାବଧାନରେ ଯୁଦ୍ଧ ଲାଗି ରହିଥିବାବେଳେ ଆମେରିକାର ସର୍ବୋଚ୍ଚ ସାମରିକ ମୁଖ୍ୟ ଓ ସେହି ଦେଶର ରାଷ୍ଟ୍ରପତି ବିଶ୍ୱଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇବା ସମଗ୍ର ବିଶ୍ୱର ବହୁ ଚିନ୍ତାନାୟକ ଏବଂ ବୁଦ୍ଧିଜୀବୀଙ୍କୁ ଚକିତ କରିଥିଲା। ପ୍ରସଙ୍ଗକ୍ରମେ ଏହା ସୂଚନାଯୋଗ୍ୟ ଯେ, ନିଆଁ ନଥାଇ ଧୂଆଁ ନଥାଏ। ତ୍ରୁଟିବିଚ୍ୟୁତି ନଥାଇ ବିରୋଧାଭାସ ଅଥବା ତୀବ୍ର ପ୍ରତିକ୍ରିୟା ମଧ୍ୟ ନ ଥାଏ। ବିଶ୍ୱଶାନ୍ତି ପାଇଁ ମାର୍ଗଦର୍ଶୀ ଅହିଂସାର ପରମ ଉପାସକ ଗାନ୍ଧିଜୀଙ୍କୁ ଲଗାତର ୧୯୩୭, ୧୯୩୮, ୧୯୩୯, ୧୯୪୭ ଏବଂ ମହାନିର୍ବାଣ ପୂର୍ବରୁ ୧୯୪୮ ଜାନୁଆରୀରେ ବିଧିବଦ୍ଧଭାବେ ନୋବେଲ ପୁରସ୍କାର ପାଇଁ ମନୋନିତ କରାଯାଇଥିଲା। ଏହାବ୍ୟତୀତ ତିନିଥର ତାଙ୍କ ନାମ 'ସର୍ଟ ଲିଷ୍ଟ' କରାଯାଇଥିଲେହେଁ ନୋବେଲ କମିଟି ପ୍ରତ୍ୟେକ ଥର ଗାନ୍ଧିଜୀଙ୍କୁ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରିବାକୁ କିଛିନା କିଛି ଆଳ ଓ ଖିଅ କାଢ଼ି ମନା କରିଦେଇଥିଲେ। ସମୟ ଓ ଇତିହାସ ଏହାର ମୂକସାକ୍ଷୀ। ଏକଦା କମିଟିର ନିର୍ଣ୍ଣୟ ଥିଲା, ଗାନ୍ଧିଜୀ ପ୍ରକୃତ ଅର୍ଥରେ କେବଳ ଜଣେ ରାଜନୀତିଜ୍ଞ। ନା ସେ ଅଟନ୍ତି କୌଣସି ଅନ୍ତଃରାଷ୍ଟ୍ରୀୟ ବିଧିସଂସ୍ଥାପକ ନା ସ୍ୱେଚ୍ଛାସେବୀ ମାନବବାଦୀ ସେବକ। ପିହୁଳା ରୋଗଗ୍ରସ୍ତ ଓ ବଣି ଚଡ଼େଇକୁ ସବୁକିଛି ହଳଦିଆ ହଳଦିଆ ଦିଶୁଥିବା ଭଳି, ନୋବେଲ କମିଟି, ଅବିବିଦ କାରଣ ଏବଂ ଆଳ ଦର୍ଶାଇ ଗାନ୍ଧିଜୀଙ୍କୁ ଶାନ୍ତି ପୁରସ୍କାରରେ ସମ୍ମାନିତ କରିବାରେ ବାଧକ ସାଜିଥିଲେ। ଶେଷଥରକ ପାଇଁ ୧୯୪୮ରେ ଗାନ୍ଧିଜୀଙ୍କ ନାମ ସର୍ଟ ଲିଷ୍ଟ କରାଯାଇଥିଲା। କିନ୍ତୁ ନିୟତିର କ୍ରୁର ବିଡ଼ମ୍ବନା ଯେ ୧୯୪୮ ଜାନୁଆରୀ ୩୦ ତାରିଖ ଦିନ ଦିଲ୍ଲୀସ୍ଥିତ ବିରଳା ଭବନ ପରିସର ପ୍ରାର୍ଥନାସ୍ଥଳୀକୁ ଆସୁଥିବା ବାଟରେ, ଅହିଂସା ଓ ଶାନ୍ତିର ବିଶ୍ୱବିଶ୍ରୁତ ଅଗ୍ରଦୂତ ମହାତ୍ମାଙ୍କୁ ଜନୈକ ଧର୍ମାନ୍ଧ ଆତତାୟୀ ନାଥୁରାମ ଗଡ୍‌ସେ ଗୁଳିବିଦ୍ଧ କରି ହତ୍ୟା କରିଥିଲେ। ଏଭଳି ଏକ ମର୍ମନ୍ତୁଦ ପରିପ୍ରେକ୍ଷୀରେ ନୋବେଲ ବିଚାରକ କମିଟିର ପ୍ରାଜ୍ଞ ସଦସ୍ୟଗଣଙ୍କୁ ଗମ୍ଭୀରତାର ସହ ବିଚାରିବାକୁ ପଡ଼ିଥିଲା ଯେ, କ'ଣ ଗାନ୍ଧିଜୀଙ୍କୁ ଏଥର ମରଣୋତ୍ତର ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରିହେବ ନା? କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଶାନ୍ତି ପୁରସ୍କାର ପାଇଁ କେହି ସୁଯୋଗ୍ୟ ପ୍ରତ୍ୟାଶୀ ନଥିବା ଆଳରେ ୧୯୪୮ ବର୍ଷରେ ଏହି ସମ୍ମାନ କାହାକୁ ଦିଆଯାଇ ନଥିଲା। ସେତେବେଳର ନୋବେଲ ନିୟମାବଳୀ ଅନୁଯାୟୀ ଅବଶ୍ୟ ଗାନ୍ଧିଜୀଙ୍କୁ ମରଣୋତ୍ତର ପୁରସ୍କାର ପ୍ରଦାନ କରିବା ପାଇଁ କୌଣସି ଅନ୍ତରାୟ ନଥିଲା। ନିଜର ଅବିଚାର ଓ ଅନ୍ୟାୟକୁ ଘଣ୍ଟ ଘୋଡ଼ାଇବା ପାଇଁ ନୋବେଲ କମିଟିର ବିଭ୍ରାନ୍ତିକର ମନ୍ତବ୍ୟ ଥିଲା-''ଗାନ୍ଧୀ ଏ ପୁରସ୍କାର ପାଇଁ ସମୁଚିତ/ ଉପଯୁକ୍ତ ପ୍ରତ୍ୟାଶୀ ନୁହନ୍ତି। କିମ୍ବା କୌଣସି ସଂଗଠନ ସଂଚାଳନା ସହ ସଂଶ୍ଳିଷ୍ଟ ମଧ୍ୟ ନୁହନ୍ତି।'' ମହାପ୍ରୟାଣ ପୂର୍ବରୁ ଗାନ୍ଧିଜୀଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତି ନଥିବା ଅଥବା ଇଚ୍ଛାପତ୍ରରେ ମରଣୋତ୍ତର ଏହି ପୁରସ୍କାର କିଏ ଗ୍ରହଣ କରିବ, ସେ ସମ୍ପର୍କରେ କୌଣସି ଉଲ୍ଲେଖ ନଥିବାଦୃଷ୍ଟେ ତାଙ୍କୁ ମରଣୋତ୍ତର ସମ୍ମାନିତ କରିବା ସମ୍ଭବ ହେଲାନାହିଁ ବୋଲି ନୋବେଲ କମିଟି କାରଣ ଦର୍ଶାଇଥିଲେ। ନୋବେଲ ଶାନ୍ତି ପୁରସ୍କାର ଚୟନ ପ୍ରକ୍ରିୟାରେ ପାତରଅନ୍ତର, ଉପେକ୍ଷା ଓ ଏବଂବିଧ ବାଦବିସମ୍ବାଦ କିଛି ନୂଆ କଥା ନୁହେଁ। ଗାନ୍ଧିଜୀଙ୍କ ବ୍ୟତୀତ ବିଗତ ଅତୀତର ନଅଥର ଯଥା: (୧) ୧୯୦୫ରେ ଥିଓଡର ରୋଜଭେଲ୍ଟ, (୨) ୧୯୧୯ରେ ଉଡ୍ରୋ ଉଇଲ୍‌ସନ୍, (୩) ୧୯୪୫ରେ କର୍ଡେଲ୍ ହଲ୍, (୪) ୧୯୭୩ରେ ହେନେରୀ କେସିଙ୍ଗର, (୫) ୧୯୭୮ରେ ମେଂଚେମ୍ ବେଜିନ୍, (୬) ୧୯୯୨ରେ ରିଗୋ ବେରଟା ମେଂଚୁ, (୭) ୧୯୯୪ରେ ଇଝୋକ୍ ରବୀନ୍, (୮) ୨୦୦୪ରେ ୱାଙ୍ଗାରୀ ମାଥାଇ ଏବଂ (୯)୨୦୦୭ରେ ଅଲ୍ ଗୋରେଙ୍କ କ୍ଷେତ୍ରରେ ନୋବେଲ କମିଟି ବାଦବିସମ୍ବାଦ ଓ ତୀବ୍ର ସମାଲୋଚନାର ଶରବ୍ୟ ହୋଇଛି। ଏହା ବିଶ୍ୱବିଶ୍ରୁତ।

ପ୍ରସଙ୍ଗକ୍ରମେ ଏହା ଏକାନ୍ତ ଉଲ୍ଲେଖନୀୟ ଯେ, ୨୦୦୯ ବର୍ଷର ନୋବେଲ୍ ଶାନ୍ତି ପୁରସ୍କାର ବିଜେତା ଓବାମା ନରୱେର ଅସ୍‌ଲୋଠାରେ ପ୍ରଦତ୍ତ ନିଜର ନୋବେଲ ଅଭିଭାଷଣ ପ୍ରସଙ୍ଗରେ ଏହା ଅଭିବ୍ୟକ୍ତ କରିଛନ୍ତି ଯେ, ''ମୁଁ ଗଭୀର କୃତଜ୍ଞତା ଏବଂ ଅତ୍ୟନ୍ତ ବିନମ୍ରତାର ସହିତ ଏହି ସମ୍ମାନକୁ ସ୍ୱୀକାର କରିବା ସହ ଶାନ୍ତି ପାଇଁ ଯୁଦ୍ଧର ଆବଶ୍ୟକତା ସଂପ୍ରତି କେତେ ଅପରିହାର୍ଯ୍ୟ, ତାହା ସୂଚେଇଦେବାକୁ ଆଗ୍ରହୀ। ପୃଥିବୀର ସମସ୍ତ କ୍ରୁରତା ଓ ସନ୍ତ୍ରାସବାଦୀ ନିଷ୍ଠୁରତା ନିକଟରେ ଆମେ ଅସହାୟଭାବେ ଆତ୍ମସମର୍ପଣ କରିଥିବା ପଣବନ୍ଦୀ ନୁହଁ। ଶାନ୍ତି ପାଇଁ ପ୍ରାଣମୂର୍ଚ୍ଛା ସଂଗ୍ରାମରେ ଚୁକ୍ତିବଦ୍ଧ। ଆମର ଏଭଳି ମହତ୍ୱାକାଂକ୍ଷାକୁ ହିଁ ଏହି ପୁରସ୍କାର ବ୍ୟକ୍ତ ବା ଚିହ୍ନିତ କରୁଛି। ବିଶ୍ୱ ପ୍ରେକ୍ଷାପଟ୍ଟରେ ମୁଁ ଏବେ ଶେଷ ନୁହେଁ, ବହୁ ନୋବେଲ ଶାନ୍ତିବିଜେତା ମହାମନିଷୀ ଏବଂ ନୋବେଲ ଶାନ୍ତି ପୁରସ୍କାର ନପାଇଥିବା ଏଭଳି କିଛି ମହାମନିଷୀ ଏବଂ ଅହିଂସା ଓ ଶାନ୍ତିକାମୀ ଶିଖରପୁରୁଷ ଅବର୍ତ୍ତମାନରେ ଅଛନ୍ତି, ଯାହାଙ୍କର ଅବଦାନକୁ ଅବଜ୍ଞା ଓ ଅସ୍ୱୀକାର କରିବା ଏକ ଅକ୍ଷମଣୀୟ ଅପରାଧ ହେବ ମୋ' ପାଇଁ ଓ ଆମ ସମସ୍ତଙ୍କ ପାଇଁ।'' ପରିଶେଷରେ ଏହା ବଖାଣିବା ଅନାବଶ୍ୟକ ଯେ, ବସ୍ତୁତଃ ଅହିଂସା ଓ ଶାନ୍ତିର ଅଗ୍ରଦୂତ ମହାତ୍ମାଗାନ୍ଧୀଙ୍କର ଜୀବନଦର୍ଶନ ହିଁ ଥିଲା ତାଙ୍କର ବାର୍ତ୍ତା ଓ ବୃତ୍ତାନ୍ତ। ବର୍ତ୍ତମାନଠାରୁ ଅବର୍ତ୍ତମାନରେ ଗାନ୍ଧୀ ଅଧିକ ପ୍ରାସଙ୍ଗିକ, ଜୀବନ୍ତ ଏବଂ ବିମୂର୍ତ୍ତ ବିଗ୍ରହ। କେବଳ ଭାରତ ଭୂଖଣ୍ଡ ନୁହେଁ, ଏହା ସମଗ୍ର ବିଶ୍ୱପ୍ରେକ୍ଷାପଟ୍ଟଯାଏ ପରିବ୍ୟାପ୍ତ। ସେଇ ବିଶ୍ୱବିଶ୍ରୁତ ଅମୃତପୁରୁଷଙ୍କର ୭୩ତମ ମହାନିର୍ବାଣ (ବଳିଦାନ) ଦିବସର ଏହି ମହାର୍ଘ୍ୟ ଅବସରରେ ଭକ୍ତିପ୍ଲୁତ ଶ୍ରଦ୍ଧାର୍ଘ୍ୟର ବିନମ୍ର ପ୍ରଣାମ, ଏକ ଅନୁରଣୀ କୃତଜ୍ଞ ରାଷ୍ଟ୍ରର!

*-ମିସନ୍ ଅମୃତାୟନ, ୧୯୦ ସୋନାଲିକା ଏନ୍‌କ୍ଲେଭ୍, ଲୁଇସ୍ ରୋଡ୍, ଭୁବନେଶ୍ୱର-୧୪*

## ଖୋରଧା ବି.ଜେ.ବି. ହାଇସ୍କୁଲରେ ବକ୍ସିଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ଖୋର୍ଦ୍ଧା (ପିଏନ୍): ୧୮୪୫ରେ ସ୍ଥାପିତ ଖୋର୍ଦ୍ଧା ହାର୍ଡିଂଜ ସ୍କୁଲ, ୧୮୯୬ରେ ରୂପାନ୍ତରିତ ଖୋରଧା ହାଇ ଇଂଲିସ୍ ସ୍କୁଲ, ୧୮୫୦ରେ ନାମିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମହାନାୟକ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପ୍ରାକ୍ତନ ଛାତ୍ର ସଂସଦର ସମ୍ପାଦକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ମୃତି ସଭାରେ ପୂର୍ବତନ ଏୟାର ମାର୍ଶାଲ ଜ୍ୟୋତି ନାରାୟଣ ବର୍ମନ-ମୁଖ୍ୟ ଅତିଥି, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ମନୋଜ କୁମାର ରାଉତ-ମୁଖ୍ୟ ବକ୍ତା, ପ୍ରାକ୍ତନ ପ୍ରମୁଖ ବନ ସଂରକ୍ଷକ ସୌମ୍ୟରଂଜନ ଛୋଟରାୟ, ଆଇ.ଏଫ୍.ଏସ୍. ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଡ. ଦିଲ୍ଲୀପ କୁମାର ଦୋରା ଯୋଗ ଦେଇ ବକ୍ସି ଜଗବନ୍ଧୁଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଓ ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱାଗତ ଭାଷଣରେ ଏହି ଶିକ୍ଷାନୁଷ୍ଠାନର ମହାନ ଐତିହ୍ୟର ଅବତାରଣା କରିଥିଲେ। ସ୍ୱାଧୀନତା ସଂଗ୍ରାମର ତିନୋଟି ପର୍ଯ୍ୟାୟରେ ଅଂଶ ଗ୍ରହଣ କରିଥିବା ତଥା ସହିଦ୍ ହୋଇଥିବା ଦୁଇ ଛାତ୍ରଙ୍କ ବିଦ୍ୟାଳୟକୁ ଜାତୀୟ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ସଭାପତି ଶ୍ରୀ ଦାସ କହିଥିଲେ। ଏହି ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଉମାଶଙ୍କର ପ୍ରସାଦ, ରାମ ଶଙ୍କର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିରଂଚି ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିବା ସହ ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରିୟରଂଜନ ପାଟ୍ଟଶାଣୀ ସଭା ପରିଚାଳନା କରିଥିଲେ।

## ଓଡ଼ିଶା ରାଜ୍ୟପାଳଙ୍କ ସହିତ ଗ୍ଲୋବାଲ ପିସ୍ ଫାଉଣ୍ଡେସନର ଅଧ୍ୟକ୍ଷଙ୍କ ବିଶ୍ୱଶାନ୍ତି ପାଇଁ ଆଲୋଚନା



ଭୁବନେଶ୍ୱର (ପିଏନ୍): ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ମାଟିରୁ ସୃଷ୍ଟି ହୋଇଥିବା ଗ୍ଲୋବାଲ ପିସ୍ ଫାଉଣ୍ଡେସନ ବିଗତ ଦୁଇବର୍ଷ ଧରି ଜନ ସଚେତନତା କାର୍ଯ୍ୟକ୍ରମ ପୃଥିବୀର ବିଭିନ୍ନ ଦେଶରେ ଚଳାଇ ଆସିଛି। ସନ୍ତ୍ରାସବାଦର ଭୟ, ପରମାଣୁ ଯୁଦ୍ଧର ଆଶଙ୍କା, ବିଶ୍ୱ ପରିବେଶ ପ୍ରଦୂଷଣ, ଜନବିସ୍ଫୋରଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅପବ୍ୟବହାର, ଦେଶ ଦେଶ ମଧ୍ୟରେ ସୀମା ବିବାଦ, ମାନବାଧିକାର ଉଲଂଘନ, ବିଶ୍ୱ ଜଳ ସଙ୍କଟ ସହିତ ତୈଳ ସଙ୍କଟ, ବିଶ୍ୱ ଶରଣାର୍ଥୀ ସମସ୍ୟା, ବିଶ୍ୱ ଉତ୍ତାପିକରଣ ଜନିତ ସମସ୍ୟା, ବିଶ୍ୱ ବାଣିଜ୍ୟ ଯୁଦ୍ଧରୁ ବିଶ୍ୱଯୁଦ୍ଧର ଆଶଙ୍କା, ଜାତି, ଧର୍ମ, ଭାଷା, ରାଜନୈତିକ ଦଳ ଭିତ୍ତିରେ ବିଶ୍ୱ ଜନସାଧାରଣ ହଜାର ହଜାର ଭାଗରେ ବିଭକ୍ତିକରଣ, ଧନୀ-ଗରୀବଙ୍କ ମଧ୍ୟରେ ବିଭେଦ, ବିଶ୍ୱରେ ବଢି ଚାଲିଥିବା ପ୍ରାକୃତିକ ବିପର୍ଯ୍ୟୟ ଆଦି ଅନେକ ବିଶ୍ୱସ୍ତରୀୟ ସମସ୍ୟା ବିଶ୍ୱ ଅଶାନ୍ତିର କାରଣ ହୋଇଥିବାରୁ ଏହି ସମସ୍ୟାଗୁଡ଼ିକର ନିରାକରଣ ପାଇଁ ସମଗ୍ର ପୃଥିବୀରେ ଏକ ଦକ୍ଷ, କ୍ଷମତାଶାଳୀ ମୁରବୀ ସରକାର (ବିଶ୍ୱ ସରକାର) ଗଠନ ହେବା ନିହାତି ଆବଶ୍ୟକ ବୋଲି ଅନୁଭବ କରି ଗ୍ଲୋବାଲ ପିସ୍ ଫାଉଣ୍ଡେସନ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ଜନସଚେତନତା ଓ ରାଜନୈତିକ ସଚେତନତା କାର୍ଯ୍ୟ କରି ଆସୁଛି। ଏ ସମସ୍ତ ବିଶ୍ୱସ୍ତରୀୟ ସମସ୍ୟାଗୁଡ଼ିକର ନିରାକରଣରେ ସହଯୋଗ ପାଇଁ ଗ୍ଲୋବାଲ ପିସ୍ ଫାଉଣ୍ଡେସନର ଅଧ୍ୟକ୍ଷ ଡ଼ାକ୍ତର ରାଜକିଶୋର ପଣ୍ଡା ଓଡ଼ିଶାର ମହାମହୀମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ସାକ୍ଷାତ୍ କରି ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ତାଙ୍କର ପରାମର୍ଶ ଓ ସହଯୋଗ କାମନା କରିଥିଲେ। ଡ଼ାକ୍ତର ପଣ୍ଡାଙ୍କ ଏଭଳି ଉଦ୍ୟମକୁ ରାଜ୍ୟପାଳ ମହୋଦୟ ପ୍ରଶଂସା କରିବା ସହିତ ସମର୍ଥନ ମଧ୍ୟ କରିଥିଲେ। ଏଭଳି ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ଯୁବଶକ୍ତିକୁ ବିନିଯୋଗ କରିବା ପାଇଁ ରାଜ୍ୟପାଳ ପରାମର୍ଶ ମଧ୍ୟ ଦେଇଥିଲେ। ଡ଼ାକ୍ତର ପଣ୍ଡାଙ୍କ ସହିତ ଗ୍ଲୋବାଲ ପିସ୍ ଫାଉଣ୍ଡେସନର ବ୍ରାଣ୍ଡ ଆମ୍ବାସାଡ଼ର ସାଇରାମ ଗାନ୍ଧୀ (ସିଲ୍‌ଭର ଗାନ୍ଧୀ) ଓ ସଦସ୍ୟ ଲଲାଟ କେଶରୀ ସିଂ ମଧ୍ୟ ଆଲୋଚନାରେ ଭାଗ ନେଇଥିଲେ।

## ପାଇକ ବିଦ୍ରୋହର ଶେଷ ଆଲୋକ ରଶ୍ମୀଙ୍କ ନାମରେ ମାର୍ଗ ତଥା ଅନୁଷ୍ଠାନ ନାମିତ କରାଯାଉ

ଭୁବନେଶ୍ୱର (ପିଏନ୍): ସଦ୍ୟ ବୀର ପ୍ରସବିନୀ ଖୋର୍ଦ୍ଧା ମାଟିରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀଯୁକ୍ତ ରାମନାଥ କୋବିନ୍ଦଙ୍କ ଆଗମନ ତଥା ପାଇକ ସ୍ମୃତି ଉଦ୍ଦେଶ୍ୟରେ ପାଇକ ସ୍ମାରକୀର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ଖୋର୍ଦ୍ଧାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ଥିଲା। ଜୟୀ ରାଜଗୁରୁଙ୍କ ନିଧନ ପରେ ଖୋର୍ଦ୍ଧା ପାଇକ କୁଳର ମଉଡମଣୀ ବକ୍ସି ଜଗବନ୍ଧୁଙ୍କ ଦ୍ୱାରା ପରିଚାଳିତ ଖୋର୍ଦ୍ଧା ପାଇକ ବିଦ୍ରୋହ ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସମୁଜ୍ଜ୍ୱଳ ଓ ଶାଶ୍ୱତ ଆଲୋକସ୍ତମ୍ଭ ରୂପେ ଠିଆହୋଇଛି। ବକ୍ସିଙ୍କ ସାଥିରେ କାନ୍ଧ ମିଳାଇ ଯେଉଁ ଶାଳପ୍ରାଂସୁ ପାଇକ ସଂଗ୍ରାମୀମାନେ ନିଜର ବଳିଦାନ ଦେଇଥିଲେ ସେହି ଖୋର୍ଦ୍ଧା କଟକର ଚିରନମସ୍ୟ, ସ୍ୱାଧିନ, ଚିନ୍ତାଶୀଳ, ସ୍ୱଦେଶବତ୍ସଳ ବିପ୍ଳବୀ ତଥା ପାଇକ ବିଦ୍ରୋହର ଶେଷ ଆଲୋକରଶ୍ମୀ ମହାପଂଚ ମହାରଥିଙ୍କ ଆବକ୍ଷ ପ୍ରତିମୂର୍ତ୍ତୀ ଖୋର୍ଦ୍ଧା ବାଇପାସଠାରୁ ୫ ନମ୍ବର ଜାତୀୟ ରାଜପଥର ବାମ ପାର୍ଶ୍ୱରେ ପ୍ରତିଷ୍ଠା କରାଯାଇଛି। ଯେଉଁମାନେ ହେଲେ ବିପ୍ଳବୀ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ମାଧବ ଚନ୍ଦ୍ର ରାଉତରା, ବିପ୍ଳବୀ ପିଣ୍ଡିକି ବାହୁବଳେନ୍ଦ୍ର, ବିପ୍ଳବୀ କୃତିବାସ ପାଟ୍ଟଶାଣୀ। ମାତ୍ର ଦୁଃଖର ସହ କହିବାକୁ ପଡୁଛି ଅତୀତର ଐତିହାସିକ ଡଃ. ମହତାବଙ୍କ ଯୋଗୁଁ ଭୁବନେଶ୍ୱରରେ ବିଜେବି କଲେଜ ଓ ବିଜେବି ନଗର ସ୍ଥାପିତ ହୋଇଥିବା ବେଳେ ଖୋର୍ଦ୍ଧାରେ ବକ୍ସିଙ୍କ ନାମରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ନାମିତ ହୋଇଛି, ଯାହା ଏକ ଗୌରବର କଥା। ମାତ୍ର ଅଦ୍ୟାବଧି ଅନ୍ୟ ଶାଳପ୍ରଂସୁ ବକ୍ସିଙ୍କ ଚାରି ଜଣ ସହଯୋଗୀଙ୍କ ରାଜଧାନୀ ଭୁବନେଶ୍ୱର ବା ଖୋର୍ଦ୍ଧାର କୌଣସି ଅନୁଷ୍ଠାନ, ନଗର ବା ରାସ୍ତା ନାମିତ କରାଯାଇନାହିଁ। ଫଳରେ ଆମର ଆଗାମୀ ପିଢ଼ୀଙ୍କ ହୃଦୟ ତନ୍ତ୍ରିରୁ ଏମାନଙ୍କ ନାମ ଲିଭିବାରେ ଲାଗିଛି। ଏଣୁ ଆଜି ବକ୍ସିଙ୍କ ଏହି ମହାନ ଶ୍ରାଦ୍ଧ ଦିବସରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସ୍ତମ୍ଭକାର ଉମା ଶଙ୍କର ପ୍ରସାଦ ଅନୁରୋଧ କରିଛନ୍ତି ରାଜଧାନୀ ଭୁବନେଶ୍ୱର ଓ ଖୋର୍ଦ୍ଧା ସହରର କିଛି ମାର୍ଗ ତଥା ଅନୁଷ୍ଠାନକୁ ଏହି ମହାନ୍ ବିପ୍ଳବୀଙ୍କ ନାମରେ ନାମିତ କରାଗଲେ ଉତରପିଢ଼ୀ ଏମାନଙ୍କ ଅତୀତର ବଳିଦାନର ଗାଥାକୁ ସ୍ମରଣ କରିବା ସହ ସେମାନଙ୍କ କାର୍ଯ୍ୟଧାରାରେ ନିଜକୁ ଅନୁପ୍ରାଣିତ କରିବେ।

# ଜାତିର ପିତା ଓ ପରମ ପିତା

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ସାରା ଭାରତବର୍ଷରେ କୁଷ୍ଠ ରୋଗ ନିରୋଧୀ ଦିବସ ଭାବେ ପାଳନ କରାଯାଏ। କୁଷ୍ଠ ଭଳି ସଂକ୍ରାମକ ରୋଗରେ ପୀଡ଼ିତ ରୋଗୀଙ୍କ ଯତ୍ନ ଓ ସେମାନଙ୍କ କଲ୍ୟାଣ ପାଇଁ ଗାନ୍ଧୀଙ୍କ ନିସ୍ୱାର୍ଥପର ପଦକ୍ଷେପକୁ ମନେପକାଇବାକୁ ଏହି ଦିବସ ପାଳିତ ହୋଇଥାଏ। ଶିକ୍ଷାନୁଷ୍ଠାନମାନଙ୍କରେ କୁଷ୍ଠ ନିରୋଧୀ ଅଭିଯାନ ଅନୁଷ୍ଠିତ ହୋଇଥାଏ। ନାଟକ, ଚଳଚ୍ଚିତ୍ର ମାଧ୍ୟମରେ କୁଷ୍ଠ ପ୍ରତି ଲୋକଙ୍କୁ ସଚେତନ କରାଯାଏ। ଚିକିତ୍ସା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରେ, ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଭାରତରେ ଏହି ସନ୍ଦେଶ ପ୍ରେରଣ କରାଯାଇଥାଏ। ରୋଗ ସହ ଲଢ଼ିବାର ସାହସ ଜାଗ୍ରତ କରାଯାଇଥାଏ। ରୋଗକୁ ନେଇ ଲୋକଙ୍କ ମନର ଭ୍ରମ ଦୂର କରିବା ଏହି ଦିବସର ଲକ୍ଷ୍ୟ। ଲୋକଙ୍କୁ କୁଷ୍ଠ ପ୍ରତି ସଚେତନ କରାଇବା, ପୀଡ଼ିତଙ୍କୁ ନିୟମିତ ଓ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦେବା, ରୋଗଗ୍ରସ୍ତ ବ୍ୟକ୍ତିକୁ ମାନସିକ ସ୍ତରରେ ମଜବୁତ କରିବା ସହ ରୋଗ ସମୟରେ ଅନ୍ୟ ଶାରୀରିକ ସମସ୍ୟା ପ୍ରତି ସଚେତନ କରିବା କୁଷ୍ଠ ନିରୋଧୀ ଦିବସ ପାଳନର ଉଦ୍ଦେଶ୍ୟ। ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର



ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ୍ୟ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଲ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର ଫଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ୍ୟ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନ୍ନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ - ଇଚ୍ଛା କରିଥିଲେ ଶିଷ୍ୟ ପିତର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ



ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ୍ୟ ଖୁବ୍ ଶକ୍ତ ଥିଲା। ରସୁଲଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା - ''ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ।''

**(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ସହ-ପ୍ରତିରଦ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭**




# କ୍ରୀଡା ଶରୀର ଓ ମନ କୁ ସୁସ୍ଥ ରଖେ

କେନ୍ଦୁଝର(ପିଏନ) :କେନ୍ଦୁଝର ଜିଲା ହାଟଡିହି ବ୍ଲକ ବି.ସି.ଉପ୍ରା ବିଦ୍ୟାଳୟ ରେ ବାର୍ଷିକ କ୍ରୀଡା ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ନିରଂଜନ ସା ଙ୍କ ସଭାପତିତ୍ୱ ରେ ଏବିଇଓ ସୁରଥ ସାହୁ ମୁଖ୍ୟ ଅତିଥି,ଏବିଇଓ ସୁରେଶ ଯେନା ମୁଖ୍ୟ ବକ୍ତା,ଏବିଇଓ ବିନୋଦ ରାଉତ, ପ୍ରଧାନ ଶିକ୍ଷକ ରତ୍ନାକର ପଣ୍ଡା ଓ ଗୌରଙ୍ଗ ନାୟକ,ସିଆରସିସି ପ୍ରଭାକର ବେହେରା,ଶିକ୍ଷକ ଦୁର୍ଯ୍ୟୋଧନ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କ୍ରୀଡା ଶରୀର ଓ ମନ କୁ ସୁସ୍ଥ ରଖେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏଥିସହ ଶପଥ ଗ୍ରହଣ ଉତ୍ସବ ଆୟୋଜିତ ହୋଇଥିଲା । ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଶିକ୍ଷକ ପ୍ରଦୀପ ବିଶ୍ୱାଳ,ମାଧବାନନ୍ଦ କର, ସଚିନ ଦେବ ରାଉତ, ମମତାମୟୀ ସେଠୀ, ଭୀମ ସେନ ଜେନା,ସଂଜୟ ନାୟକ, ନାରାୟଣ ରାଉତ, ଶତ୍ରୁଘ୍ନ ସା, ଦେବାଶିଷ ଦାସ ଖେଳ ପରିଚାଳନା କରିଥିଲେ । ଛାତ୍ରୀଛାତ୍ର ଙ୍କ ମଧ୍ୟ ରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରଯାଇଥିଲା।

# ଜାତୀୟ ଭୋଟର ଦିବସ ପାଳିତ




କେନ୍ଦୁଝର(ପିଏନ) :କେନ୍ଦୁଝର ଜିଲା ହାଟଡିହି ଉଚ୍ଚ ବିଦ୍ୟାଳୟ ପରିସର ରେ ବ୍ଲକ ପକ୍ଷରୁ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି ।ବିଡିଓ ଜୟଦେବ ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ ।ପ୍ରଧାନ ଶିକ୍ଷକ ଶିଶିର କୁମାର କର ଙ୍କ ସଭାପତିତ୍ୱ ରେ କଲେଜ ଛାତ୍ରୀଛାତ୍ର ମାନେ ଯୋଗ ଦେଇ ସଂକଳ୍ପ ନେଇଥିଲେ ।ଜିପିଓ ନବୀନ ଚନ୍ଦ୍ର ନାୟକ, ନରହରି ନାୟକ,ଶିକ୍ଷକ ଶଦାଶିବ ଚକ୍ର, ଅଶୋକ ସାବତ, ରବିନରାୟଣ ଜେନା ଓ ଦେବାଶିଷ ବାରିକ, ସୁଦର୍ଶନ ସେଠୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ ।ସାଇ ରୁଦ୍ରନାରାୟଣ ସା,ନିସିତ ବରାଳ, ସତ୍ୟଜିତ ରାୟ ଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ପୁରସ୍କାର ଦିଆଯାଇଥିଲା ।

# ଭଙ୍ଗା ପୋଲରେ ବିପଦଶଙ୍କୁଳ ଅବସ୍ଥାରେ ଯାତାୟାତ

## ଗୋଟିଏ ପାର୍ଶ୍ୱ କଂକ୍ରିଟ୍ ବାଡ଼ ଭାଙ୍ଗିପଡିଲାଣି

କଣାସ, (ପିଏନ)- କେନ୍ଦ୍ର ଓ ରାଜ୍ୟ ସରକାର ଗମନାଗମନର ଉନ୍ନତି ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ଗଣମାଧ୍ୟମରେ ଢେଙ୍ଗୁରା ପିଟୁଥିବା ବେଳେ ରାସ୍ତା ଓ ବ୍ରିଜ ନିର୍ମାଣ ପରେ ସେସବୁର ଉପଯୁକ୍ତ ରକ୍ଷଣାବେକ୍ଷଣା ଅଭାବରୁ ତାହା ଜନସାଧାରଣଙ୍କ ଯାତାୟତ ପାଇଁ ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳୁଛି। ପୁରୀ ଜିଲ୍ଲା କଣାସ ବ୍ଲକର କରମଳା ଠାରେ ଲୁଣାନଦୀ ଉପରେ ନିର୍ମିତ ବ୍ରିଜ୍ ତାହାର ଏକ ଜ୍ୱଳନ୍ତ ଉଦାହରଣ ।

ଖବର ନେବାରେ ଜଣାପଡିଛି, କଣାସ ବ୍ଲକ ଓ ବ୍ରହ୍ମଗିରି ବ୍ଲକକୁ ସଂଯୋଗ କରିବା ପାଇଁ ୧୯୯୭ ମସିହାରେ କରମଳା ଠାରେ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତିଧାମ ଆଶ୍ରମର ନିକଟରେ ଲୁଣାନଦୀ ଉପରେ ଏକ ବ୍ରିଜ୍ ନିର୍ମାଣ କରାଯାଇଥିଲା। ହେଲେ ଇତିମଧ୍ୟରେ ଦୀର୍ଘ ୨୩ ବର୍ଷ ଧରି ବ୍ରିଜ୍ ମରାମତି ସମ୍ପର୍କରେ ଧ୍ୟାନ ଦିଆନଯାଇଥିବାରୁ ବ୍ରିଜର ଗୋଟିଏ ପାଖ କଂକ୍ରିଟ୍ ବାଡ଼ ସମ୍ପୂର୍ଣ୍ଣ ଭାଙ୍ଗିପଡିଥିବାବେଳେ ଅନ୍ୟ ବାହାଲଟି ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯାଇଛି। ସେତୁର ପୂର୍ଣ୍ଣ ନିର୍ମାଣ ପାଇଁ ବହୁବାର ପୂର୍ବରୁ ବିଭାଗୀୟ ଉଚ୍ଚ ଅଧିକାରୀ, ସତ୍ୟବାଦୀର ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାସ ବର୍ମାଙ୍କୁ ଅବଗତ କରାଯାଇଥିଲା । ଏପରିକି ବିଧାୟକ ସଞ୍ଜୟ ଘଟଣାସ୍ଥଳକୁ ଯାଇ ବ୍ରିଜ୍ ର ବାସ୍ତବ ସ୍ଥିତି ଦେଖିସାରିବା ପରେ ତୁରନ୍ତ ପୋଲଟିକୁ ଭାଙ୍ଗି ନୂତନ ପୋଲ ନିର୍ମାଣ କରିବାକୁ ବିଭାଗୀୟ ଉଚ୍ଚ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେହି ଭଙ୍ଗା ପୋଲରେ ଜନସାଧାରଣ ଜୀବନକୁ ବିପଦରେ ପକାଇ ପ୍ରତ୍ୟେକ ଦିନ ଯାତାୟାତ କରୁଥିବା ଦେଖିବାକୁ ମିଳିଛି । ପୋଲର ଗୋଟିଏ ପାର୍ଶ୍ୱ ସାଇଡ୍ କଂକ୍ରିଟ୍ ବାଡ଼ ଭାଙ୍ଗିଯାଇଥିବାରୁ ଅନେକ ସମୟରେ ଏଠାରେ ଛୋଟ ବଡ଼ ଦୁର୍ଘଟଣା ଘଟିବାର ନଜିର୍ ରହିଛି । ଇତିମଧ୍ୟରେ ଗତ ୨୨ ତାରିଖ ଠାରୁ ଠାକୁର ଅଭିରାମ ପରମହଂସଙ୍କ ଜୟନ୍ତୀ ଉତ୍ସବ ଚାଲିଥିବାରୁ ସେ ଭଙ୍ଗା ପୋଲ ଉପରେ ଶହଶହ ଯାତ୍ରୀ ଜୀବନକୁ ବିପନ୍ନ କରି ଯାତାୟାତ କରୁଛନ୍ତି। ଏହି ଉତ୍ସବ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କୁହନ୍ତି, ନୂତନ ବ୍ରିଜ୍ ନିର୍ମାଣ ପାଇଁ ୮ ମାସ ହେଲା ଠିକାଦାର ନିଯୁକ୍ତି କରାଯାଇଛି। କିନ୍ତୁ, ନିଯୁକ୍ତି ପାଇଥିବା ଠିକାଦାର କାମ ଆରମ୍ଭ କରିନାହାନ୍ତି।

# ବାଲେଶ୍ୱରରେ ୧୦ମ ଭୋଟର ଦିବସ ପାଳିତ

ବାଲେଶ୍ୱର(ପିଏନ)-ଆଜି ବାଲେଶ୍ୱର ଠାରେ ଜିଲ୍ଲାସ୍ତରୀୟ ୧୦ମ ଭୋଟର ଦିବସ ପାଳିତ ହୋଇଯାଇଛି । ପୂର୍ବାହ୍ନ ୮ଘଟିକା ସମୟରେ ଏହି ଉପଲକ୍ଷେ ଏକ ସଚେତନତା ରାଲି ସ୍ଥାନୀୟ ସିନେମା ଛକ ଠାରୁ ବାହାରି ସଦଭାବନା ସଭାଗୃହରେ ପହଂଚିଥିଲା । ଏହାକୁ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପରେ ସଦଭାବନା ସଭାଗୃହଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ନାୟକ, ଉପଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲ, ନିର୍ବାଚନ ଅଧିକାରୀ ଶ୍ରୀ ମନୋଜ ସେନାପତି ଭୋଟର ଦିବସର ତାତ୍ପର୍ଯ୍ୟ ସଂପର୍କରେ ଅବଗତ କରାଇଥିଲେ । ସଭାରେ ନୂତନ ଭୋଟରମାନଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ ସହ ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭୋଟର ସଚେତନତା ପାଇଁ ଏକ ବାଲୁକା କଳାର ପ୍ରଦର୍ଶନ କରାଯାଇଥିଲା ଯାହାକୁ ଛାତ୍ରଛାତ୍ରୀମାନେ ମନଭରି ଉପଭୋଗ କରିଥିଲେ ।

# ଗଣତନ୍ତ୍ର ଦିବସ ଉପଲକ୍ଷେ ଝୋଟି ପ୍ରତିଯୋଗିତା

ବାଲେଶ୍ୱର(ପିଏନ)-ବାଲେଶ୍ୱର ଜିଲ୍ଲା ନାରୀସଂଘ ପରିସରରେ ଜିଲ୍ଲାସ୍ତରୀୟ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାନେତ୍ରୀ ଶ୍ରୀମତୀ ଗୋପାମୁଦ୍ରା ମହାପାତ୍ରଙ୍କ ଉପସ୍ଥିତିରେ ସମ୍ପାଦିକା ଶ୍ରୀମତୀ ଅପର୍ଣ୍ଣା ମହାପାତ୍ର, ପୂର୍ବତନ ସମ୍ପାଦିକା ଶ୍ରୀମତୀ ହେମଲତା ଦାସ, କୋଷାଧ୍ୟକ୍ଷା ଶ୍ରୀମତୀ ପୁଷ୍ପଲତା ମହାନ୍ତି, ବରିଷ୍ଠ ସଭ୍ୟା ଶ୍ରୀମତୀ ବାସନ୍ତୀ ନାୟକ, ଶ୍ରୀମତୀ ହେମଲତା ଦାସ ପ୍ରମୁଖ ଉକ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ । ବାଲେଶ୍ୱର ତଥା ମୟୂରଭଞ୍ଜ ଜିଲ୍ଲାରୁ ୩୬ଜଣ ପ୍ରତିଯୋଗୀ ଏହି ଝୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବିଚାରକ ମଣ୍ଡଳୀରେ ଚିତ୍ରଶିଳ୍ପୀ ଶ୍ରୀ ଦେବାଶିଷ ସାହୁ, ଚିତ୍ରଶିଳ୍ପୀ ତଥା ଅଧ୍ୟକ୍ଷ, 'କୀରମୋହନ ଚାରୁ ଓ କାରୁକଳା ବିଦ୍ୟାଳୟ ଶ୍ରୀ ମରୁତ ରାଉତ, ଚିତ୍ରଶିଳ୍ପୀ କବିତା ଦତ ଯୋଗଦାନ କରି କୃତୀ ପ୍ରତିଯୋଗୀ ଚୟନ କରିଥିଲେ । ଏହି ପ୍ରତିଯୋଗିତାକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲ, ଆଇସିଡିଏସ ସେଲର ପିଓ ସୁଜାତା ପଟ୍ଟନାୟକ ଓ ଯାଜ୍ଞସେନୀ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବୁଲି ଦେଖିଥିଲେ । ବିଜୟୀ ପ୍ରତିଯୋଗୀମାନଙ୍କୁ ସାଧାରଣତନ୍ତ୍ର ଦିବସ ପ୍ୟାରେଡ ଉତ୍ସବରେ ପୁରସ୍କୃତ କରାଯିବ ।

# ୫ଟି କାର୍ଯ୍ୟକାରିତା ଉପରେ ସମୀକ୍ଷା ବୈଠକ

ବାଲେଶ୍ୱର(ପିଏନ)- ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ୫ଟି ଉପରେ ସମୀକ୍ଷା କରାଯାଇଥିଲା । ଏଥିରେ ବିଶେଷ ଭାବେ ମାର୍ଚ୍ଚ ମାସ ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପେନସନ ରାଶି ପ୍ରଦାନ କରିବା ଉପରେ ଆଲୋଚନା କରାଯାଇଥିଲା । ଏଥି ସହିତ ବିଭାଗ ଗୁଡିକୁ ତାଙ୍କ କାର୍ଯ୍ୟାଳୟର ଡାଟା ଏନଆଇସିରେ ଅପଲୋଡ୍ କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଥିଲା । ଆଗକୁ ସମସ୍ତ ବିଭାଗ ମୋ ସରକାର ପଦ୍ଧତିଭୁକ୍ତ ହେବାକୁ ଥିବା ସମ୍ଭାବନା ରହିଥିବା ହେତୁ ପ୍ରତ୍ୟେକ ବିଭାଗ ୫ଟିକୁ ଗୁରୁତ୍ୱର ସହ ସଂଚାଳନ କରିବାକୁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ଜିଲ୍ଲାର ସମସ୍ତ ଲାଇନ ଡିପାର୍ଟମେଂଟର ଅଧିକାରୀ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ନାୟକ, ପିଡି ଡିଆରଡିଏ ଶ୍ରୀ ରାମଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ପ୍ରମୁଖ ମଂଚାସୀନ ଥିଲେ ।

# କୋର୍ଟ ଆଦେଶକୁ ମାନୁନାହାନ୍ତି ବ୍ୟାଙ୍କ ମ୍ୟାନେଜର, ଏସପିଙ୍କ ଦ୍ୱାରସ୍ଥ ହେଲେ ମହିଳା

କୋରାଇ, (ପିଏନ)- କୋର୍ଟର ସ୍ଥଗିତାଦେଶ ଥିବା ସତ୍ୱେ ଓ ଜିଲ୍ଲାପାଳଙ୍କ ଆଦେଶକୁ ଅବମାନନା ଓ ଆଇନ ଉଲଘଂନ କରି ଓଡିଶା ଗ୍ରାମ୍ୟ ବ୍ୟାଙ୍କ ରୁଡିଆ ଶାଖା ପରିଚାଳକ ଓ ଚଣ୍ଡିଖୋଲ ଆଂଚଳିକ ପରିଚାଳକ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବିବାଦୀୟ ସମ୍ପତି ଉପରେ ଦଖଲ କରିବା ନେଇ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ସୁଭଦ୍ରା । ସୂଚନା ମୁତାବକ, ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଂଚାୟତ କ୍ଷିରୋ ଗ୍ରାମର ସୁଭଦ୍ରା ମହାରଣା କୋରାଇ ଥାନା ଅନ୍ତର୍ଗତ ମକୁନ୍ଦପୁର ଗ୍ରାମରେ ବିବାହ କରିଥିଲେ । ବାପା ମା ଓ ତିନି ଭାଇଙ୍କୁ ନେଇ ତାଙ୍କ ସଂସାର । ମାତ୍ର ତାଙ୍କ ବାପା ବଂଶୀଧର ମହାରଣାଙ୍କ ମୃତ୍ୟୁ ପରେ ପରିବାର ପକ୍ଷରୁ ତାଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଗଲା । ଯାହା ଫଳରେ ସୁଭଦ୍ରା ଯାଜପୁର ରୋଡ ସିଭିଲ ଜଜ୍ ସିନୟର ଡିଭିଜନଙ୍କ ନିକଟରେ ତାଙ୍କର ସ୍ଥାବର ସମ୍ପତିକୁ ନେଇ ଏକ ମାମଲା ୨୦୧୮ ମସିହାରେ କରିଥିଲେ । ଯେଉଁଥିରେ ମା ଓ ତାଙ୍କ ତିନି ଭାଇଙ୍କୁ ପକ୍ଷ କରିଥିଲେ । ଏହି ମାମଲାରେ କୋର୍ଟ ସମ୍ପତି ବଂଟନ ନହେବା ପର୍ଯ୍ୟନ୍ତ ସମସ୍ତ ସମ୍ପତିର ସ୍ଥିତାବସ୍ଥା ବଜାୟ ରଖିବାକୁ ନର୍ଦ୍ଦେଶ ଦେଇଥିଲେ । କରଦା ମୌଜାର ଖାତା ନମ୍ବର ୧୫୫ ପ୍ଲଟ ନମ୍ବର ୧୦୫୦ ଓ ୧୦୫୩ ରେ ରକାବା ୪୧ ଡିସିମିଲ ସମ୍ପତି ମଧ୍ୟ ମାମଲା ଭୁକ୍ତ ରହିଛି । ଉକ୍ତ ଜମିରେ ତାଙ୍କ ଭାଇ ଅକ୍ଷୟ ମହାରଣା ରୁଡିଆ ବ୍ୟାଙ୍କରୁ ଋଣ କରି ବିଶ୍ୱକର୍ମା ପାୱାର ପ୍ଲାଂଟ ନାମରେ ଏକ ସଂସ୍ଥା କରିଥିଲେ । ହେଲେ ଉକ୍ତ ଜମିକୁ ବ୍ୟାଙ୍କ ଦଖଲକୁ ନେବାକୁ ଚାହିଁବାରୁ ଗତ ୨୦୧୯ ଫେବୃଆରୀ ୭ ତାରିଖ ଜମି ଉପରେ ମାମଲା ଥିବା ଦର୍ଶାଇ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ୨/୧୯ ମିସ୍ କେଶ ଦାଖଲ କରାଯାଇଥିଲା । ଯେଉଁଥିରେ ବ୍ୟାଙ୍କକୁ ପକ୍ଷଭୁକ୍ତ କରାଯାଇଥିଲା । ଜିଲ୍ଲାପାଳ ମଧ୍ୟ ସ୍ଥିତାବସ୍ଥା ବଜାୟ ରଖିବାକୁ ଆଦେଶ କରିବା ସହ ବ୍ୟାଙ୍କ ଓ ଯାଜପୁର ଏସପିଙ୍କୁ ଆଦେଶ କରିଥିଲେ । କିନ୍ତୁ, ଗତ ୧୭ ତାରିଖ ବ୍ୟାଙ୍କ ପକ୍ଷରୁ ସମସ୍ତ ଆଇନକୁ ଉଲଘଂନ କରି ଏମିତିକି କୋର୍ଟ ଆଦେଶ ପୁନଃ ଦର୍ଶାଯାଇଥିଲେ ମଧ୍ୟ ରୁଡିଆ ବ୍ୟାଙ୍କ ମ୍ୟାନେଜର ଓ ଆଂଚଳିକ ମ୍ୟାନେଜର ଚଣ୍ଡିଖୋଲ ମାଜିଷ୍ଟ୍ରେଟଙ୍କ ପସ୍ଥିତିରେ ଉକ୍ତ ଜମିକୁ ଦଖଲକୁ ନେଇଛନ୍ତି । କେଉଁ ଆଇନ ବଳରେ ମ୍ୟାନେଜର ଏହାକୁ ଦଖଲକୁ ନେଲେ ତାହା ଏବେ ମୁଖ୍ୟ ପ୍ରଶ୍ନବାଚୀ ହୋଇଛି । ଏନେଇ ସୁଭଦ୍ରା ଆଜି ପାଣିକୋଇଲି ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏସପି ଚରଣ ସିଂହ ମୀନାଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି ।

# ରିଲିଭ ବିଳମ୍ବ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ସ୍ୱାସ୍ଥ୍ୟଗତ ସମସ୍ୟା ଶିକ୍ଷକ



କେନ୍ଦୁଝର, (ପିଏନ): ଶିକ୍ଷକମାନଙ୍କ ବଦଳି ଓ ରିଲିଭ ବିଳମ୍ବକୁ ନେଇ ୧୨ଜଣ ବିଭିନ୍ନ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଥିବା ଶିକ୍ଷକ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଆଶିଷ ଠାକରେଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି । ତୁରନ୍ତ ତାଙ୍କୁ ନିର୍ଦ୍ଧାରିତ ବିଦ୍ୟାଳୟମାନଙ୍କରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି । ଅଭିଯୋଗରୁ ଜଣାଯାଇଛି କି ଯେ,କେନ୍ଦୁଝର ଜିଲ୍ଲାରେ ମୋଟ ୪୮ଜଣ ଶିକ୍ଷକ ବିଭିନ୍ନ କାରଣ ପାଇଁ ବଦଳି ହେବା ସକାଶେ ଆଦେଶ ପାଇଥିଲେ । ଗତ ଅପ୍ରିଲ ମାସରେ ଏହି ଶିକ୍ଷକମାନେ ଟିଚର ଟ୍ରାନ୍ସଫର ପୋର୍ଟାଲରେ ମାଧ୍ୟମରେ ଆବେଦନ କରିଥିଲେ । ଏହି ଆବେଦନକୁ ବିଚାର କରି ୪୮ଜଣଙ୍କ ମଧ୍ୟରେ ଥିବା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ୧୯ଜଣ ଶିକ୍ଷକଙ୍କର ମଧ୍ୟ ବଦଳି ତାଲିକା ପ୍ରକାଶ ପାଇଥିଲା । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଥିବା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଡିସେମ୍ବର ୫ ତାରିଖ ସୁଦ୍ଧା ଏହି ବଦଳି ଆଦେଶ ଲାଗୁ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ, ମାତ୍ର ଅଦ୍ୟାବଧି ଜାନୁୟାରୀ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବଦଳି ହୋଇଥିବା ସ୍ଥାନକୁ ଯିବା ପାଇଁ ବଦଳି ଆଦେଶ ଦିଆଯାଉନାହିଁ କିମ୍ବା ରିଲିଭ କରାଯାଉନାହିଁ । କିଡନୀ,କ୍ୟାନସର,ପାରାଲିସିସ,ସ୍ଥାୟୀ ଶାରିରୀକ ଅକ୍ଷମ,ହୃଦରୋଗରେ ପିଡୀତ ଥିବା ଏହି ଶିକ୍ଷକମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିବା ସହ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଭିନ୍ନ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଥିବା ୧୨ଜଣ ଶିକ୍ଷକଙ୍କ ବଦଳି ଆଦେଶ ସହ ରିଲିଭ ଅର୍ଡର ଦିଆଗଲେ ସେମାନେ କାର୍ଯ୍ୟରେ ଯୋଗଦେଇପାରନ୍ତେ ବୋଲି ପ୍ରକାଶ କରିଛନ୍ତି ।

# ଶଙ୍କର୍ଷଣ ପରିଡ଼ା ଶ୍ରେଷ୍ଠ ବୁଥ୍‌ସ୍ତରୀୟ ଅଧିକାରୀ ଭାବେ ସମ୍ବର୍ଦ୍ଧିତ



ଚଣ୍ଡିଖୋଲ ୨୫/୧(ପିଏନ)-ଦଶମ ଜାତୀୟ ମତଦାତା ଦିବସ ୨୦୨୦ ଅବସରରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ବଡ଼ଚଣା ଶିକ୍ଷଣ ମଣ୍ଡଳ ଅଧିନସ୍ଥ ମା' ବାସୁଳାଇ ଉ.ପ୍ରା. ବିଦ୍ୟାଳୟ ବେଣାପୁର ର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ପରିଡ଼ାଙ୍କୁ ସର୍ବଶ୍ରେଷ୍ଠ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ଭାବରେ ସମ୍ବର୍ଦ୍ଧିତ କରାଯାଇଛି। ଯାଜପୁର ଜିଲାପାଳ ରଂଜନ କୁମାର ଦାସ, ଉପଜିଲାପାଳ ନାରାୟଣ ଚନ୍ଦ୍ରଧଳ, ଉପ ଜିଲାପାଳ (ନିର୍ବାଚନ) ଶ୍ରୀମତୀ କାଜଲ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ମାନପତ୍ର, ଉପଢୌକ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ପରିଡ଼ା ମୁକ୍ତ ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ଗାରିମାକୁ ଅକ୍ଷୁର୍ଣ୍ଣ ରଖି ନିର୍ଭିକ ହୋଇ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠି, ଭାଷା ବିଶେଷ କରି ନିରପେକ୍ଷ ଭାବରେ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଶ୍ରୀ ପରିଡ଼ାଙ୍କୁ ବହୁ ଶିକ୍ଷକ, ଶିକ୍ଷୟତ୍ରୀ, ବୁଦ୍ଧିଜିବୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏଥି ସହିତ ସୁପରଭାଇଜର ଶ୍ରୀମତୀ ରାଉତଙ୍କୁ ସର୍ବଶ୍ରେଷ୍ଠ ତଦାରଖ ଅଧିକାରୀ ଭାବରେ ସମ୍ବର୍ଦ୍ଧିତ କରାଯାଇଛି।

# ଜୟପୁର ମୁଖ୍ୟ ରାସ୍ତାକୁ ନୋ ପାର୍କିଂ ଜୋନ୍ ଘୋଷଣା କଲା ପୋଲିସ

ଜୟପୁର: ଜୟପୁର ସହରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ଅବିଭକ୍ତ କୋରାପୁଟ ଜିଲାର ପ୍ରମୁଖ ସହର ଜୟପୁର । ଜୟପୁର ଏକ ବ୍ୟବସାୟିକ ପେଣ୍ଠ ସ୍ଥଳି କହିଲେ ଅତ୍ୟୁକ୍ତି ହେବ ନାହିଁ । ହଜାର ହଜାର ଲୋକ ଜୟପୁର ଉପରେ ନିର୍ଭର କରନ୍ତି । ଫଳରେ ସହରରେ ଟ୍ରାଫିକ୍ ସମସ୍ୟା ଜଟିଳ ରୂପ ଧାରଣ କରିଛି । ଏହାକୁ ରୋକିବା ପାଇଁ ଟାଉନ ପୋଲିସ ପଦକ୍ଷେପ ନେଇଛି । ଟ୍ରାଫିକ୍ ସମସ୍ୟା ଜଟିଳ ହେବାରୁ ଏହାର ସମାଧାନ ନେଇ ବାରମ୍ବାର ବିଭିନ୍ନ ସଂଗଠନ ତରଫରୁ ଦାବୀ ହୋଇ ଆସୁଥିଲା । ଦାବିକୁ ଗୁରୁତ୍ୱ ଦେଇ ଟ୍ରାଫିକ୍ ସମସ୍ୟାର ସମାଧାନ କରିବା ପାଇଁ ବୁଧବାର ଠାରୁ ରଜାନହର ଛକ ଠାରୁ ତହସିଲ ଅଫିସ ଯାଏ ସ୍ଥାନକୁ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି । ଏହି ରାସ୍ତାରେ ୨ ଚକିଆ ଯାନ ପାର୍କିଂ କରିପାରିବେ । ଚାରି ଚକିଆ ଓ ୩ ଚକିଆ ଗାଡି ସବୁ ତହସିଲ ଅଫିସ ଠାରୁ ଜଗତ ଜନନୀ ଛକ ଭିତରେ ପାର୍କିଂ କରିପାରିବେ । କୌଣସି ଗାଡିକୁ ଅଧିକା ସମୟ ପାର୍କିଂ କରିବାକୁ ଦିଆଯିବ ନାହିଁ । ଏହା ସହ ସକାଳ ୮ଟା ଠାରୁ ଅପରାହ୍ନ ୨ଟା ଓ ଦିନ ୪ ଟାରୁ ରାତି ୧୦ ଭିତରେ କର୍ମସିୟାଲ ଗାଡି ମୁଖ୍ୟ ରାସ୍ତାରେ ପଶି ପାରିବେ ନାହିଁ । ଏନେଇ ପୋଲିସ ତରଫରୁ ପ୍ରତ୍ୟେକ ଦିନ ପେଟ୍ରୋଲିଂ ଗାଡି ରହିବ । ଏହି ନିୟମକୁ ଉଲଂଘନ କଲେ ଆଇନ ଅନୁଯାୟୀ ଜୋରିମାନା ଆଦାୟ କରାଯିବ । ସେହିପରି ଏମଜି ରୋଡକୁ ମଧ୍ୟ ନୋ ଓ୍ୱେ ଘୋଷଣା ହୋଇଛି । ୩ ଚକିଆ ଓ ୪ ଚକିଆ ଯାନ ଭିତରକୁ ପଶି ପାରିବ ନାହିଁ । ଖାଲି ବାଇକ୍ ହିଁ ଚଳପ୍ରଚଳ କରିବ । ଯେଉଁ ମାନେ ପାର୍କିଂ କରିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ନିଷ୍ପତି ନେଇଛି । ସ୍କୁଲ ଛୁଟି ସମୟରେ ରାସ୍ତା ଜାମ୍ ହେବା ସହ ଟ୍ରାଫିକ୍ ସମସ୍ୟା ଦେଖାଯାଉଛି । ଏହା ସହ ଅଟୋ ବାଲା ମାନେ ଅନାବଶ୍ୟକ ଭାବେ ବ୍ଲକେଜ କରୁଛନ୍ତି ତାହାକୁ ରୋକିବ ପୋଲିସ । ଅଟୋ ବାଲା ମାନେ ଯାତ୍ରୀ ନେଇ ପାରିବେ ଆଣି ପାରିବେ, ଚାରିଚକିଆ ଓ ୩ ଚକିଆ ଯାନ ଚଳପ୍ରଚଳ କରିବାରେ କିଛି ବାରଣ କରାଯାଇ ନାହିଁ ବୋଲି ପୋଲିସ ସୂଚନା ଦେଇଛି । ଏନେଇ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ ।

# ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଚରଂପା ଏକାଡେମୀ ବିଜୟୀ




କେନ୍ଦୁଝର(ପିଏନ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଟୁକୁଣା ଆଂଚଳିକ ବିକାଶ ପରିଷଦ ତରଫରୁ ବିବେକାନନ୍ଦ ଖେଳପଡିଆ ଠାରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨ୟ ଦିନ ରେ ପହଂଚିଛି । ମୁଖ୍ୟ ଅତିଥି ଭାବେ ଆମ୍ବୋ ସରପଂଚ ରାମଚନ୍ଦ୍ର ଦାସ,ସମଣା ସରପଂଚ ପତିତପାବନ ନନ୍ଦ,ସମଣା ସମିତି ସଭ୍ୟ ବିଦ୍ୟାଧର ସା ଯୋଗ ଦେଇଥିଲେ। ମ୍ୟାଚ ଭଦ୍ରକ ଚରଂପା ଏକାଡେମୀ ଟିମ ସହିତ କଟକ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୨୦ ଓଭର ମ୍ୟାଚ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ରେ ଚରଂପା ଏକାଡେମୀ ଟସ୍ ଜିତି ପ୍ରଥମେ ଫିଲଡିଂ ପାଇଁ ନିଷ୍ପତି ନେଇଥିଲା । ରାଇଜିଂ ଷ୍ଟୁଡେଣ୍ଟ ସମସ୍ତ ଉଇକେଟ ହରାଇ ୧୭.୪ ଓଭର ରେ ୧୦୩ ରନ କରିବାକୁ ସକ୍ଷମ ହୋଇଥିଲା । ଏହାର ଜବାବରେ ଚରଂପା ଏକାଡେମୀ ଟିମ ୧୪.୩ ଓଭରରେ ୪ ଉଇକେଟ ହରାଇ ୧୦୪ ରନ ସଂଗ୍ରହକରି ମ୍ୟାଚ ବିଜୟୀ ହୋଇଥିଲା । ଚରଂପା ଏକାଡେମୀ କ୍ରିକେଟ ଟିମର ଜ୍ୟୋତି ରଂଜନ ମହାରଣା ମ୍ୟାନ୍ଅଫ ଦି ମ୍ୟାଚ ହୋଇଥିଲେ । ଲଲାଟ କେଶରୀ ନନ୍ଦ,ପଦ୍ମନାଭ ସାମଲ ଅମ୍ପାୟାର ଥିଲେ । ସ୍କୋରର ଭାବେ ଜ୍ୟୋତିରଂଜନ ଜେନା,ଭାଷ୍ୟକାର ଭାବେ ସୁକାନ୍ତ କୁମାର ବେହେରା ଦାୟିତ୍ୱ ତୁଲାଇଥିଲେ । ଜିଲା ପରଷଦ ସଭ୍ୟ ସୁରେନ୍ଦ୍ର ଜେନା,ଭଗବାନ ନାୟକ,ପୂର୍ଣ୍ଣଚନ୍ଦ୍ର ଶଙ୍ଖୁଆ,ଘନଶ୍ୟାମ ବେହେରା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ସଂଦିପ ଧଳ,ଜ୍ୟୋତିରଂଜନ ଧଳ,ନବଘନ ନାୟକ,ସତ୍ୟବ୍ରତ ବିଶ୍ୱାଳ,ଅମରେଶ ଧଳ,ସୁଧାଂଶୁ ବିଶ୍ୱାଳ,ପ୍ରଦୀପ ସାହୁ ,ପ୍ରଶାନ୍ତ ଜେନା,ଲାଲୁ ଧଳ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ଟ୍ରାକ୍ଟର ଚଢ଼ାଇ ଦେଲେ ଗଞ୍ଜେଇ ମାଫିଆ : ଗୁରୁତର ଗୃହରକ୍ଷୀ ବିଶାଖାପାଟଣା ସ୍ଥାନାନ୍ତର

ମାଲକାନଗିରି: ଗଞ୍ଜେଇ ମାଫିଆଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଜଣେ ଗୃହରକ୍ଷୀ । ମାଫିଆ ମାନେ ତାଙ୍କ ଉପରେ ମଡ଼ାଇ ଦେଇଛନ୍ତି ଟ୍ରାକ୍ଟର । ଗୁରୁତର ଅବସ୍ଥାରେ ସମ୍ପୃକ୍ତ ଗୃହରକ୍ଷୀଙ୍କୁ ପ୍ରଥମେ ଚିତ୍ରକୋଣ୍ଡା ଡ଼ାକ୍ତରଖାନା ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ଆଜି ବିଶାଖାପାଟଣା ସ୍ଥାନାନ୍ତରିତ କରାଯାଇଛି । ତାଙ୍କ ନାମ ମଦନମୋହନ ବୈରାଗୀ ଓରଫ ଟୁନା । ୩୨ ବର୍ଷୀୟ ଟୁନା ଚିତ୍ରକୋଣ୍ଡା ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରନ୍ତି । ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ୨ଟା ସମୟରେ ଏକ ଟ୍ରାକ୍ଟର ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଚିତ୍ରକୋଣ୍ଡା ପୋଲିସ ସଦଳବଳେ ଗୁଣ୍ଡାବେଢ଼ା ପଂଚାୟତର କାଙ୍କରାଇପଡ଼ା ଛକ ନିକଟରେ ଜଗି ରହିଥିଲା । ଏହି ସମୟରେ ଆସୁଥିବା ଟ୍ରାକ୍ଟରଟିକୁ ଗୃହରକ୍ଷୀ ଟୁନା ଅଟକାଇବାକୁ ଚେଷ୍ଟା କରିଥିଲେ । ହେଲେ ଟ୍ରାକ୍ଟରଟି ସେଠାରେ ନଅଟକି ତାଙ୍କ ଉପରେ ମାଡ଼ି ଯାଇଥିଲା ।




# ୬୦% ଓଡ଼ିଆ ମହିଳା ନିଜେ ନିଜର ଜୀବନସାଥୀ ସନ୍ଧାନ କରିବାକୁ ପସନ୍ଦ କରନ୍ତି: ଓଡ଼ିଆ ମାଟ୍ରିମୋନିର ରିପୋର୍ଟ

ଭୁବନେଶ୍ୱର: ଓଡ଼ିଆଙ୍କ ପାଇଁ ଉପଯୁକ୍ତ ସାଥୀ ସନ୍ଧାନ କରିବାର ସେବା ପ୍ରଦାନ କରୁଥିବା ଭାରତ ମାଟ୍ରିମୋନିର ଅଗ୍ରଣୀ ସଂସ୍ଥା ଓଡ଼ିଆ ମାଟ୍ରିମୋନି ପକ୍ଷରୁ ଲକ୍ଷାଧିକ ପଂଜୀକୃତ ଗ୍ରାହକଙ୍କ ଜନସଂଖ୍ୟା ସମ୍ବନ୍ଧୀୟ ସ୍ୱରୂପର ସର୍ବେକ୍ଷଣ କରାଯାଇଛି ଏବଂ ସେଥିରୁ ଜଣାପଡ଼ିଛି ଯେ ଅଧିକାଂଶ ବ୍ୟକ୍ତିବିଶେଷ ନିଜେ ନିଜର ଜୀବନସାଥୀ ସନ୍ଧାନ କରିବାକୁ ପସନ୍ଦ କରନ୍ତି।ଓଡ଼ିଆ ଭାଷାଭାଷୀ ଲୋକ ଏବଂ ସେମାନଙ୍କ ଜୀବନସାଥୀ ଚୟନର ପ୍ରାଥମିକତା ସମ୍ପର୍କରେ ରୋଚକ ତଥ୍ୟ ଜଣାପଡ଼ିଛି:

ବ୍ୟବହାରକାରୀଙ୍କ ସଂଖ୍ୟାରେ ୨୯% ମହିଳା ଓ ୭୧% ପୁରୁଷ ହୋଇଥିବା ବେଳେ ପୁରୁଷ ପଂଜୀକରଣକାରୀଙ୍କ ହାରାହାରି ବୟସ ୨୯ ବର୍ଷ ହୋଇଥିବା ବେଳେ ମହିଳାଙ୍କ ବୟସ ହେଉଛି ୨୬ ବର୍ଷ। ରୋଚକ ବିଷୟ ହେଉଛି ମହିଳାଙ୍କ କ୍ଷେତ୍ରରେ ୬୦% ମାଟ୍ରିମୋନି ପ୍ରୋଫାଇଲ୍‌କୁ ମହିଳାମାନେ ନିଜେ ସୃଷ୍ଟି କରିଛନ୍ତି। ସେହିଭଳି, ପୁରୁଷଙ୍କ ମଧ୍ୟରେ ୭୪% ପ୍ରୋଫାଇଲ୍‌କୁ ସେମାନେ ନିଜେ ସୃଷ୍ଟି କରିଛନ୍ତି। ମାତ୍ର ୭% ପ୍ରୋଫାଇଲ୍‌କୁ ଅଭିଭାବକମାନେ ସୃଷ୍ଟି କରିଥିବା ବେଳେ ବଳକା ପ୍ରୋଫାଇଲ୍‌କୁ ସଂପର୍କୀୟ ଓ ବନ୍ଧୁମାନେ ଖୋଲିଛନ୍ତି। ସାଥୀ ସନ୍ଧାନରେ ଥିବା ୩୬% ମହିଳା ପ୍ରୋଫାଇଲ୍ ୨୨-୨୫ ବର୍ଷର ହୋଇଥିବା ବେଳେ ୩୭%ର ବୟସ ବର୍ଗ ହେଉଛି ୨୬-୨୯ ବର୍ଷ। ପୁରୁଷ ପ୍ରୋଫାଇଲ୍ ଭିତରେ ସାଥୀ ସନ୍ଧାନରେ ଥିବା ଲୋକଙ୍କ ମଧ୍ୟରୁ ୩୪%ଙ୍କ ବୟସ ୨୫-୨୮ ବର୍ଷ ଏବଂ ୨୭%ଙ୍କ ବୟସ ବର୍ଗ ହେଉଛି ୨୯-୩୨ ବର୍ଷ। ୭% ମହିଳା ଓ ୧୦% ପୁରୁଷ ସେମାନଙ୍କ ଜାତି ବାହାରେ ଜୀବନ ସାଥୀ ସନ୍ଧାନ କରିବା ପାଇଁ ନିଜକୁ ଉନ୍ମୁକ୍ତ ରଖିଛନ୍ତି।

ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ପଂଜୀକରଣ ହେଉଥିବା ସହରଗୁଡ଼ିକ ମଧ୍ୟରେ ରହିଛି ଭୁବନେଶ୍ୱର, କଟକ, ଗଂଜାମ ଓ ବାଲେଶ୍ୱର। ଓଡ଼ିଶା ବାହାରେ ଅଧିକ ପଂଜୀକରଣ ବାଙ୍ଗାଲୋର, ହାଇଦ୍ରାବାଦ, ମୁମ୍ବାଇ ଓ ଦିଲ୍ଲୀରୁ ଆସୁଛି।

ପୁରୁଷଙ୍କ ଶ୍ରେଷ୍ଠ ବୃତିଗୁଡ଼ିକ ହେଉଛି ବ୍ୟବସାୟ ମାଲିକ/ଉଦ୍ୟୋଗୀ ଏବଂ ତା' ପଛକୁ ରହିଛି ଏକ୍‌ଜିକ୍ୟୁଟିଭ୍ ଏବଂ ସଫ୍‌ଟଓୟାର ବୃତିଧାରୀ ଏବଂ ମହିଳାଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଶିକ୍ଷାଦାନ/ କର୍ପୋରେଟ୍ ଏକ୍‌ଜିକ୍ୟୁଟିଭ୍। ଶିକ୍ଷାଗତ ଯୋଗ୍ୟତା ଭିତରେ ପଂଜୀକରଣକାରୀଙ୍କ ମଧ୍ୟରେ କଳା ହେଉଛି ସବୁଠୁ ଲୋକପ୍ରିୟ ବର୍ଗ। ଏହା ପଛକୁ ରହିଛି ପ୍ରଯୁକ୍ତି ଓ ବୃତିଗତ ପାଠ୍ୟକ୍ରମ।୨୭% ମହିଳା ଓ ୧୨% ପୁରୁଷ ଚାହାନ୍ତି ସେମାନଙ୍କ ଜୀବନସାଥୀଙ୍କ ଶିକ୍ଷାଗତ ଯୋଗ୍ୟତା ମାଷ୍ଟର ଡିଗ୍ରି କିମ୍ବା ତା'ଠାରୁ ଅଧିକ ହୋଇଥାଉ।ମୋବାଇଲ୍ ଓ ଇଟଂରନେଟ୍ ଧାରା ଅନୁସାରେ, ୯୧% ଓଡ଼ିଆ ମାଟ୍ରିମୋନି ସଦସ୍ୟ ସେମାନଙ୍କ ଜୀବନସାଥୀକୁ ମୋବାଇଲ୍ ବ୍ୟବହାର କରି ସନ୍ଧାନ କରନ୍ତି।

ଏହି ରୋଚକ ଧାରା ବିଷୟରେ ମତ ଦେଇ ମୁରୁଗାଭେଲ୍ ଜାନକୀରାମ, ପ୍ରତିଷ୍ଠାତା ଓ ସିଇଓ, ମାଟ୍ରିମୋନି ଡଟ୍ କମ୍ କହିଛନ୍ତି ଯେ, "ବିଗତ ୨୦ ବର୍ଷ ଭିତରେ, ଓଡ଼ିଆ ମାଟ୍ରିମୋନି ଲକ୍ଷ ଲକ୍ଷ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କ ପାଇଁ ଜୀବନ ସାଥୀ ଖୋଜିବାର ଏକ ନମ୍ବର ପସନ୍ଦ ହୋଇପାରିଛି। ଲକ୍ଷ ଲକ୍ଷ ଓଡ଼ିଆ ସେମାନଙ୍କ ଜୀବନ ସାଥୀ ଏଠାରେ ପାଇଛନ୍ତି ଏବଂ ଭାରତ ଓ ସାରା ଦୁନିଆରେ ଥିବା ଏହି ଜୀବନ୍ତ ଓଡ଼ିଆ ସମ୍ପ୍ରଦାୟରେ ଆମେ ବ୍ୟବହାରକାରୀ ବଢ଼ାଇବା ଜାରି ରଖିଛୁ। ଓଡ଼ିଶା ଆମ ପାଇଁ ଏକ ବଡ଼ ଅଗ୍ରାଧିକାର ବଜାର ଏବଂ ଅଧିକରୁ ଅଧିକ ଓଡ଼ିଆଙ୍କୁ ସେମାନଙ୍କ ଜୀବନସାଥୀ ସନ୍ଧାନ କରିବାରେ ସହାୟତା କରିବା ଲାଗି ଆମେ ଆମର ଉଦ୍ୟମକୁ ତ୍ୱରାନ୍ୱିତ କରିଛୁ।''

# ଅଷ୍ଟମ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ଉଦଯାପିତ

ଭୁବନେଶ୍ୱର,(ପିଏନ)- ସରକାରୀ ଉଚ୍ଚବିଦ୍ୟାଳୟ, ୟୁନିଟ୍-୧ ପରିସରରେ ଅଷ୍ଟମ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା(ଇନସ୍ପେୟାର)କୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓସେପା ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆଙ୍କ ଦ୍ୱାରା ଉଦଯାପିତ ହୋଇଯାଇଛି। ଏହି ଉଦଯାପନ ସନ୍ଧ୍ୟାରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓସେପା ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ, ଡଃ କାର୍ତ୍ତିକ ଚନ୍ଦ୍ର ଦାସ ଏଡିପି, ଓସେପା, ବିବେକ କୁମାର, ଏନଆଇଏଫ, ନୂଆଦିଲ୍ଲୀ, ବରିଷ୍ଠ ପ୍ରୋଗ୍ରାମ ଅଫିସର, ଶ୍ରୀମତୀ ବନ୍ଦନା ମହାପାତ୍ର ଜିଲ୍ଲା ଶିକ୍ଷାଧିକାରୀ ଖୋର୍ଦ୍ଧା।

ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ସସ୍ମିତା ମାଳି ଓ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶ୍ରୀସଂଗୀତା ପଣ୍ଡା ଆଦି ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିଭାବରେ ଯୋଗଦେଇ କୁନିକୁନି ବୈଜ୍ଞାନିକମାନଙ୍କୁ ବିଜ୍ଞାନ ଭିତିକ ପ୍ରେରଣା ପ୍ରଦାନ କରିଥିଲେ। ୩୦ଟି ଜିଲ୍ଲାରୁ ୧୪୪ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସ୍ୱତନ୍ତ୍ର ଭାବରେ ଶ୍ରୀ ଚିନ୍ମୟ କୁମାର ଦାସଙ୍କୁ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ କଳା ଉତ୍ସବର ବାଳକ ବର୍ଗରେ ଅନୁଷ୍ଠିତ ହୋଇଥିବା ଜାତୀୟ ସ୍ତରରେ ୨ୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୭ଜଣ କୃତି ପ୍ରକଳ୍ପଧାରୀଙ୍କୁ ଜାତୀୟ ସ୍ତରରେ ଭାଗନେବା ପାଇଁ ମନୋନୀତ କରାଯାଇ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟ ଶୁଭଶ୍ରୀ ସ୍ୱାଇଁ(ଖୋର୍ଦ୍ଧା), ଅରବିନ୍ଦ ଦେହୁରୀ(ଅନୁଗୁଳ), ଜ୍ୟୋତି ବାରିକ(ବଲାଙ୍ଗୀର), ବିପ୍ଳବ କୁମାର ଘୋଷ(ବାଲେଶ୍ୱର), ଜୟନ୍ତ ସାହୁ(ବରଗଡ଼), ଚୁଡ଼ାମଣି ମେହେର, ମଲ୍ଲିକା ଶେଷ, ତିତୀକ୍ଷା ବେହେରା(ବରଗଡ଼), ମଧୁସ୍ମିତା ପାତ୍ର(ଗଞ୍ଜାମ), ସୁଶ୍ରୀ ରିତୁରେଶ୍ମା ସ୍ୱାଇଁ(ଗଞ୍ଜାମ), ଅଭିପ୍ସା ଭୋଳ(ଜଗତସିଂହପୁର), ସ୍ମୃତି ରଞ୍ଜନ ଜେନା(ପୁରୀ), ରୁଦ୍ରପ୍ରସାଦ ଦଳେଇ(ରାୟଗଡ଼ା), ଆକାଶ ବେରା(ସୁନ୍ଦରଗଡ଼), ଆକାଶ ଚନ୍ଦ୍ର ସାହୁ(ଢେଙ୍କାନାଳ)ରୁ ମନୋନୀତ ହୋଇ ଜାତୀୟ ସ୍ତରରେ ଓଡ଼ିଶାରୁ ଭାଗନେବା ପାଇଁ ସ୍ୱୀକୃତ ହୋଇଛନ୍ତି।

ଅଧିକରୁ ଅଧିକ ପିଲା ବିଜ୍ଞାନ ଭିତିକ କାର୍ଯ୍ୟକ୍ରମରେ ଯୋଗଦେଲେ ନୂତନ ବୈଜ୍ଞାନିକ ଚିନ୍ତାଧାରାର ଅଭିବୃଦ୍ଧି ଘଟିବ ତଥା ଆଜିର ଜାତୀୟ ସ୍ତରକୁ ଯାଉଥିବା ପିଲାମାନଙ୍କର ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟାର ପରିସର ପରିବ୍ୟାପ୍ତ ହେବା କଥା ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଅନ୍ୟମାନଙ୍କ ମଧରେ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୋନାମିକା ରାୟ, ଡ. ଗୌରହରି ମିଶ୍ର, ଅଦ୍ୱୈତ ବଳିଆରସିଂ, ନଳିନି ପଟ୍ଟନାୟକ, ଦିଲ୍ଲୀପ କୁମାର ସ୍ୱାଇଁ, ପ୍ରଦୀପ କୁମାର ମିଶ୍ର, ଅମୂଲ୍ୟ କୁମାର ମହାନ୍ତି, ସନ୍ଧ୍ୟା ମହାପାତ୍ର, ଶାନ୍ତା ଦାସ, ତୋଫାନ କୁମାର ରାଉତରାୟ ଆଦି ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶ୍ରୀ ଦୀପକ ଦାସ। ପରିଶେଷରେ ୟୁନିଟ୍-୧ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜାତା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ପ୍ଲାନେଡ୍ ୱାନର ସାଧାରଣତନ୍ତ୍ର ଦିବସ ଅଫର

ଭୁବନେଶ୍ୱର,୨୪/୧ : ରାଜ୍ୟର ଅଗ୍ରଣୀ ମଲ ଏସ୍‌ପ୍ଲାନେଡ୍ ୱାନର ସାଧାରଣତନ୍ତ୍ର ଦିବସ ସପ୍ତାହନ୍ତକୁ ଗ୍ରାହକଙ୍କ ନିମନ୍ତେ ସରସସୁନ୍ଦର କରିବା ଉଦ୍ଦେଶ୍ୟରେ ୩ ଦିନିଆ ୫୦% ରିହାତି ଘୋଷଣା କରିଛନ୍ତି। 'ଅସଲୀ ହାପିନେସ୍ ୱାଲା ସେଲ'ର ଅଂଶ ଭାବେ ଏହି ରିହାତି ବିକ୍ରି ଜାନୁୟାରୀ ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ବିକ୍ରୟରେ ପ୍ରାୟ ୫୦ଟି ବ୍ରାଣ୍ଡ ରହିବ। ଗ୍ରାହକଙ୍କ ପାଇଁ ଅବିଶ୍ୱନୀୟ ରିହାତି ଓ ଆନନ୍ଦକୌତୁକ ମଧ୍ୟ ଏହି ସମୟରେ ଉପଲବ୍ଧ ହେବ। ଲାଇଫଷ୍ଟାଇଲ, ମାର୍କସ୍ ଏଣ୍ଡ ସ୍ପେନସର, ୟୁଏସ୍ ପୋଲୋ, ରିଲାଏନ୍ସ ଟ୍ରେଣ୍ଡ, ସାମସୋନାଇଟ, ଦି ବଡ଼ି ସପ୍ ଆଦି ବ୍ରାଣ୍ଡର ସାମଗ୍ରୀ ଗ୍ରାହକ ଏହି ସମୟରେ କ୍ରୟ କଲେ ୫୦% ରିହାତି ପାଇପାରିବେ। ସେହିପରି କପଡ଼ା ବ୍ରାଣ୍ଡ ପିଟର ଇଂଲଣ୍ଡ ଓ ଆଲେନ ସୋଲେରେ ଯଥାକ୍ରମେ ୩ରେ ୩ ବିନା ମୂଲ୍ୟରେ ଓ ୨ରେ ୨ ବିନା ମୂଲ୍ୟରେ ପ୍ରଦାନ କରାଯିବ।ଦ ଏହି ବିକ୍ରି ଅଫର ସଂପର୍କରେ ଏସ୍‌ପ୍ଲାନେଡ୍ ୱାନର କେନ୍ଦ୍ର ନିର୍ଦ୍ଦେଶକ ପାର୍ଥ ନାୟକ କହିଛନ୍ତି ଯେ, ଗ୍ରାହକଙ୍କ ନିମନ୍ତେ ସାଧାରଣତନ୍ତ୍ର ଦିବସ ସ୍ମରଣୀୟ କରିବା ପାଇଁ ସଂସ୍ଥା ଚାହେଁ। ଏଥିପାଇଁ ସଂସ୍ଥା ଏକାଧିକ କିସମ ଅଫର ପ୍ରଦାନ କରୁଛି। ଗ୍ରାହକମାନେ ମନେ ରଖିବା ପରି ଅନୁଭବ ସର୍ବଦା ପ୍ରଦାନ କରିବା ପାଇଁ ସଂସ୍ଥା ଚାହେଁ। ଖାଦ୍ୟପ୍ରେମୀଙ୍କ ପାଇଁ ଏସ୍‌ପ୍ଲାନେଡ୍ ୱାନ କେଏଫସି, ଏସିଆ ୭, ଡ଼ୋମିନୋଜ୍ ଓ ଚାଏ ବ୍ରେକ ସହ ବୁଝାମଣା କରିଛି। ଏମାନେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖାଦ୍ୟ ପରିବେଷଣ କରିବେ ଏବଂ ଏହାର ମୂଲ୍ୟ ୯୯ ଟଙ୍କାରୁ ଆରମ୍ଭ ହେବ। ଏହି ଅବସର ପାଇଁ ଏକାଧିକ ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଛି। ୨୫୦୦ ଟଙ୍କା ବା ତାଠାରୁ ଉର୍ଦ୍ଧ ଟଙ୍କାର ସାମଗ୍ରୀ କ୍ରୟ କରୁଥିବା ଗ୍ରାହକଙ୍କ ପାଇଁ ଦୈନିକ ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ଲାଭର ସୁଯୋଗ ରହିଛି। ସାପ୍ତାହିକ ଲଟେରୀରେ ଘରୋଇ ଉପକରଣ ସହ ଜଣେ ଭାଗ୍ୟଶାଳୀ ବିଜେତା ବିଏମଡ଼ବ୍ଲ୍ୟୁ ବାଇକ ଜି-୩୧୦-ଆର, ସୁଜୁକି ଇନଟ୍ରୁଡ଼ର ବାଇକ, ଆମ୍ପିୟର ଇଲେକ୍ଟ୍ରିକ୍ ସ୍କୁଟର ଲାଭ କରିବାର ସୁଯୋଗ ରହିଛି।

# ଗୋଏୟାର ୩ ବର୍ଷ ଧରି ବାର୍ଷିକ ୩୦% ଲେଖାଁଏ ଅଭିବୃଦ୍ଧି

ନୂଆଦିଲ୍ଲୀ,୨୪/୧ : ଗ୍ରାହକଙ୍କ ସହଯୋଗ ଓ ଆସ୍ଥା ଯୋଗୁଁ ଗୋଏୟାର ଗତ ୩ ବର୍ଷ ଧରି ବାର୍ଷିକ ୩୦% ଲେଖାଁଏ ଅଭିବୃଦ୍ଧି କରିଚାଲିଛି। ୨୦୧୯ ନଭେମ୍ବର ମସିହା ମଧ୍ୟରେ ଗୋଏୟାର ଦେଶର ବିଶ୍ୱସନୀୟ ତଥା ସର୍ବନିମ୍ନ ସଂଖ୍ୟକ ଉଡ଼ାଣ ବାତିଲ କରିଥିବା ଏୟାରଲାଇନ୍ ଭାବେ ସ୍ୱୀକୃତି ପାଇଛି। ଲଗାତର ୧୫ ମାସ ଧରି ଏହା ସଠିକ୍ ସମୟ ଦକ୍ଷତା ମଧ୍ୟ ପ୍ରଦର୍ଶନ କରିଆସିଛି। ୧୪୪ଟି ଏୟାରବସ ଏ୩୨୦ ନିଓ ବିମାନ କ୍ରୟ ପାଇଁ ବରାଦ ଦେଇ ଗୋଏୟାର ୨୦୨୫ ମସିହା ସୁଦ୍ଧା ଦ୍ୱିଅଙ୍କ ଅଭିବୃଦ୍ଧି ହାସଲ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛି। ଗତ ୪ ସପ୍ତାହ ଧରି ଅଣନିର୍ଦ୍ଧାରିତ ଭାବେ କଂପାନୀ ଉଡ଼ାଣ ବାତିଲ କରିଛି। ସଂପ୍ରତି ବ୍ୟବସାୟିକ ସହଯୋଗୀ ସଂସ୍ଥା ଏୟାରବସ ଓ ପ୍ରାଟ ଏଣ୍ଡ ହ୍ୱିଟନି ୨୦୨୦ ମାର୍ଚ୍ଚ ୯ ତାରିଖ ସୁଦ୍ଧା ପୂର୍ବ ଚୁକ୍ତି ମୁତାବକ ବିମାନ ଓ ଇଞ୍ଜିନ ଯୋଗାଣ ପାଇଁ ଅକ୍ଷମତା ପ୍ରକାଶ କରିଛନ୍ତି ବୋଲି କଂପାନୀ ମୁଖପାତ୍ରଙ୍କ ସୂତ୍ରରୁ ପ୍ରକାଶ। ଫଳରେ ଆମର ବିମାନ ଚଳାଚଳ ସୂଚୀ ବାଧାପ୍ରାପ୍ତ ହେଉଛି। ଏହାଦ୍ୱାରା କେତେକ ଧାର୍ଯ୍ୟ ଉଡ଼ାଣ ଆମକୁ ବାତିଲ କରିବା ପାଇଁ ଆମେ ବାଧ୍ୟ ହେଉଛୁ। ଯାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ନକରିବା ପାଇଁ ଏହି ଉଡ଼ାଣଗୁଡ଼ିକ ଆମେ ଯଥେଷ୍ଟ ପୂର୍ବରୁ ବାତିଲ କରୁଛୁ। ଏହାସତ୍ତ୍ୱେ ଉଡ଼ାଣ ବାତିଲ ଗ୍ରାହକଙ୍କୁ ଅସୁବିଧାର ସମ୍ମୁଖୀନ କରାଇବ, ଏଥିପାଇଁ ଆମେ ଗ୍ରାହକଙ୍କ ନିକଟରେ ଦୁଃଖୀ କ୍ଷମାପ୍ରାର୍ଥୀ। ଯଥାଶୀଘ୍ର ସମ୍ଭବ ଏହି ସମସ୍ତ ଉଡ଼ାଣ ଆରମ୍ଭ ପାଇଁ ଆମେ ଏୟାରବସ ଓ ପ୍ରାଟ ଏଣ୍ଡ ହ୍ୱିଟନିର ସହଯୋଗ ଆଶା କରୁଛୁ। ଆମେ ଗ୍ରାହକଙ୍କୁ ଏକଥା ସୂଚାଇବାକୁ ଚାହୁଁ ଯେ ଆମର ବର୍ତ୍ତମାନ ଚଳାଚଳ ସୂଚୀ ଏୟାରବସ ଓ ପ୍ରାଟ ଏଣ୍ଡ ହ୍ୱିଟନି ଦେଇଥିବା ପ୍ରତିଶ୍ରୁତି ଭିତ୍ତିରେ ପ୍ରସ୍ତୁତ କରାଯାଇଛି। ଆମର ଯୋଜନାବଦ୍ଧ ଅଭିବୃଦ୍ଧି ପାଇଁ ଗୋଏୟାର ପ୍ରତିବର୍ଷ ୧୨-୧୫ଟି ବିମାନ ୨୦୨୫ ମସିହା ସୁଦ୍ଧା ହସ୍ତଗତ କରିବ। ଗ୍ରାହକଙ୍କୁ ସଠିକ୍ ସମୟରେ ବିଶ୍ୱସନୀୟ ସେବା ଯୋଗାଣ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି କଂପାନୀ ମୁଖପାତ୍ର କହିଛନ୍ତି।

# ସାମସଙ୍ଗ ପକ୍ଷରୁ ଭାରତରେ ଗ୍ୟାଲେକ୍ସି ଏସ୧୦ ଲାଇଟର ଶୁଭାରମ୍ଭ

ଭୁବନେଶ୍ୱର-ଭାରତର ସବୁଠାରୁ ଅଧିକ ବିଶ୍ୱସନୀୟ ଉପଭୋକ୍ତା ଇଲେକ୍ଟ୍ରୋନିକ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ, ଭାରତରେ ଗ୍ୟାଲେକ୍ସି ଏସ୧୦ ଲାଇଟର ଶୁଭାରମ୍ଭର ଘୋଷଣା କରିଛି। ଗ୍ୟାଲେକ୍ସି ଏସ୧୦ ଲାଇଟ ପ୍ରୋଗ୍ରେଡ କ୍ୟାମେରା ଓ ଉନ୍ନତ ବୈଶିଷ୍ଟ୍ୟକୁ ସାମିଲ କରିଛି ଏବଂ ଯୁବପିଢ଼ୀମାନଙ୍କର ପୃଥକ ଆବଶ୍ୟକତାରେ ପହଞ୍ଚିବା ପାଇଁ ଏହାର ଡିସପ୍ଲେ, କ୍ୟାମେରା ଓ ପ୍ରଦର୍ଶନରେ ଅଭୁତପୂର୍ବ ବିକାଶ ସହିତ ଆସିଛି। ଏକ ଶ୍ରେଷ୍ଠ ମଲଟିଟାସ୍କିଙ୍ଗ ପାଇଁ ଗ୍ୟାଲେକ୍ସି ଏସ୧୦ ଲାଇଟ ୮ଜିବି ର୍ୟାମ ଏବଂ ୧୨୮ଜିବି ଇଣ୍ଟରନାଲ ମେମୋରି ସହିତ ଆସିଛି। ଗ୍ୟାଲେକ୍ସି ଏସ୧୦ ଏକ ୪,୫୦୦ ମେଗାହର୍ଜ ବ୍ୟାଟେରୀ ସାମିଲ କରିଛି, ଯାହାକି ଆପଣଙ୍କ ଫୋନର ଶକ୍ତିକୁ ବୁଦ୍ଧିମତାର ସହ ପରିଚାଳନା କରିଥାଏ ଏବଂ ଏହାର ୨୫ୱାଟ ଦ୍ରୁତ ଚାର୍ଜିଙ୍ଗ ଟେକ୍ନୋଲୋଜି ସହ ଚାର୍ଜ ହେବା ପାଇଁ ଖୁବ କମ ସମୟ ନେଇଥାଏ। ଗ୍ୟାଲେକ୍ସି ଏସ୧୦ ଲାଇଟ ଗେମ ବୁଷ୍ଟର ଏବଂ ପରଫରମାନ୍ସ ମନିଟରରେ ବ୍ୟବସ୍ଥିତ ହୋଇଆସିଛି ଯାହାକି ଆପଣଙ୍କ ଗେମିଙ୍ଗ ଅନୁଭୂତିକୁ ଅନ୍ୟ ଏକ ସ୍ତରକୁ ନେଇଯିବ

"ଗ୍ୟାଲେକ୍ସି ଏସ୧୦ ଲାଇଟ ଆମର ଯୁବପିଢ଼ୀ ଉପଭୋକ୍ତାମାନଙ୍କ ପାଇଁ ବାଣିଜ୍ୟ ଅଗ୍ରଣୀ ଅଭିନବତା ଯୋଗାଇଦେବାର ଆମର ଅବିରତ ପ୍ରୟାସର ଏକ ପରିପ୍ରକାଶ।" ବୋଲି ସାମସଙ୍ଗ ଇଣ୍ଡିଆ, ମୋବାଇଲ ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ଶ୍ରୀ ଅସିମ ୱାର୍ଶି କହିଛନ୍ତି। ଏହି ବହୁ ପ୍ରତିକ୍ଷିତ ଶୁଭାରମ୍ଭ ଉପରେ ଫ୍ଲିପକାର୍ଟର ମୋବାଇଲ-ବରିଷ୍ଠ ନିର୍ଦ୍ଦେଶକ ଶ୍ରୀ ଆଦିତ୍ୟ ସୋନି କହିଛନ୍ତି ଯେ, "ଫ୍ଲିପକାର୍ଟରେ ଆମେ ଭାରତୀୟ ଉପଭୋକ୍ତାମାନଙ୍କ ପାଇଁ ସୁଲଭ ମୂଲ୍ୟରେ କଟିଙ୍ଗ-ଏଜ ଟେକ୍ନୋଲୋଜି ଏବଂ ଶ୍ରେଷ୍ଠ ବର୍ଗର ଉତ୍ପାଦ ଆଣିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ।"

ପ୍ରିଜମ ହ୍ୱାଇଟ, ପ୍ରିଜମ ବ୍ଲାକ ଏବଂ ପ୍ରିଜମ ବ୍ଲୁ ରଙ୍ଗରେ ଉପଲବ୍ଧ ଏହି ଗ୍ୟାଲେକ୍ସି ଏସ୧୦ ଲାଇଟର ମୂଲ୍ୟ ୩୯,୯୯୯ଟଙ୍କା ରହିଛି। ଆସନ୍ତା ଜାନୁଆରୀ ୨୩ରୁ ଫେବୃଆରୀ ୩ ପର୍ଯ୍ୟନ୍ତ ପ୍ରାୟତଃ ଫ୍ଲିପକାର୍ଟ, ସାମସଙ୍ଗ.କମ ଏବଂ ଅଗ୍ରଣୀ ରିଟେଲ ଷ୍ଟୋରଗୁଡ଼ିକରେ ଆପଣ ଗ୍ୟାଲେକ୍ସି ଏସ୧୦ ଲାଇଟର ପ୍ରିବୁକିଙ୍ଗ ମଧ କରିପାରିବେ। ଗ୍ୟାଲେକ୍ସି ଏସ୧୦ ଲାଇଟର ବିକ୍ରୟ ଫେବୃଆରୀ ୪ରୁ ଆରମ୍ଭ ହେବାକୁ ଯାଉଛି। ଗ୍ରାହକମାନେ ଗ୍ୟାଲେକ୍ସି ଏସ୧୦ ଲାଇଟର ପ୍ରି-ବୁକିଙ୍ଗ କରି ଗୋଟିଏ ଥର ପାଇଁ ୧୯୯୯ଟଙ୍କାର ସ୍କିନ ରିପ୍ଲେସମେଣ୍ଟ ପାଇପାରିବେ, ଯାହାକି ଗୋଟିଏ ବର୍ଷ ମଧରେ ଦୁର୍ଘଟଣା ଜନିତ ସ୍କିନ ଡ୍ୟାମେଜକୁ ମଧ ସାମିଲ କରିଥାଏ ଏବଂ ଆଇସିଆସିଆଇ ବ୍ୟାଙ୍କର କ୍ରେଡିଟ କାର୍ଡ ସହିତ ୩୦୦୦ଟଙ୍କାର ଅତିରିକ୍ତ କ୍ୟାସବ୍ୟାକ ମଧ ରହିଛି।

# ଆଧ୍ୟାତ୍ମିକତା ବିକାଶରେ ଓଡ଼ିଶୀ ସଂକୀର୍ତ୍ତନର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର / ବାଲିଅନ୍ତା / ଫୁଲନଖରା / ବାରଙ୍ଗ / କଟକ, (ପିଏନ) : ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବ ଆଞ୍ଚଳିକ ସଂକୀର୍ତ୍ତନ ମହାମଣ୍ଡଳୀର ବିଂଶତମ ବାର୍ଷିକ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ପବିତ୍ର ତ୍ରିବେଣୀ ଅମାବାସ୍ୟା ତିଥିରେ ଆଜି ପୂର୍ବାହ୍ନରେ କଟକ-ଭୁବନେଶ୍ୱର ମହାନଗରନିଗମ ସୀମାରେ ଥିବା ଲକ୍ଷେଶ୍ୱର ମହାଦେବଙ୍କ ପୀଠସ୍ଥଳୀରେ ମହନ୍ତ ନଳିନୀ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୫୨ଗୋଟି ସଂକୀର୍ତ୍ତନ ମଣ୍ଡଳୀର ୪୦୦ ରୁ ଊର୍ଦ୍ଧ୍ୱ କଳାକାର ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଶା ମୋ ପରିବାରର ଆବାହକ ମୁମ୍ବାଇର ପୂର୍ବତନ ପୋଲିସ୍ କମିଶନର ଅରୂପ ପଟ୍ଟନାୟକ, ବିଧାୟକ ସୁଶାନ୍ତ କୁମାର ରାଉତ, ଡକ୍ଟର ଅରବିନ୍ଦ ଢାଲି, ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ଅଲେଖ କୁମାର ଜେନା, ଉତ୍କଳ ସମ୍ମିଳନୀ ସଭାପତି ଡକ୍ଟର ଅଦ୍ୱୈତ କୁମାର ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷା ଅନ୍ନପୂର୍ଣ୍ଣା ମିଶ୍ର, କବିତା ମଞ୍ଜରୀ ପରିଡ଼ା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଭାଷ ଚନ୍ଦ୍ର ପାତ୍ର, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଶାନ୍ତ କୁମାର ଦାସ, ସରପଞ୍ଚ ରଶ୍ମିତା ସାହୁ, ସମିତିସଭ୍ୟ ମହେଶ୍ୱର ଦାସ, ପୂର୍ବତନ କର୍ପୋରେଟର ଗାୟତ୍ରୀ ଲେଙ୍କା, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ନାଥ, ସମାଜସେବୀ ପଦ୍ମନାଭ ପଟ୍ଟନାୟକ, ଶିବ ଚରଣ ଜେନା, ଯଜ୍ଞାଶୀଷ ମହାପାତ୍ର, ଯୁବନେତା ଅକ୍ଷୟ କୁମାର ଲେଙ୍କା, ଅଧ୍ୟାପକ ଡକ୍ଟର ଯୁଧିଷ୍ଠିର ଖଟୁଆ, ଡକ୍ଟର ପ୍ରଭାକର ଦାସ, ଭାଜପା ନେତା ଦିଲ୍ଲୀପ କୁମାର ମଲ୍ଲିକ, ସୁଶାନ୍ତ କୁମାର ମଲ୍ଲିକ, ବସନ୍ତ କୁମାର ନାୟକ ଯାଦବ ସଂଘର ସଭାପତି ଧନେଶ୍ୱର ବେହେରା, ସମ୍ପାଦକ ଧ୍ରୁବଚରଣ ବେହେରା, କୃଷ୍ଣକେଶବ ଆପଟ୍ଟ, ସୁରେଶ ବେହେରା, ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ଉତ୍କଳୀୟ ଆଧ୍ୟାତ୍ମିକ, ସାମାଜିକ, ବିକାଶରେ ଓଡ଼ିଶୀ ସଂକୀର୍ତ୍ତନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ପିଲା ଜନ୍ମର ଏକୋଇଶିଆ ଉତ୍ସବଠାରୁ ଆରମ୍ଭ କରି ମୃତ୍ୟୁପରେ ଶବ ଶୋଭାଯାତ୍ରା ଚତୁର୍ଦ୍ଦଶ ଦିବସ ମୋକ୍ଷ କାର୍ଯ୍ୟକ୍ରମରେ ଓଡ଼ିଶୀ ସଂକୀର୍ତ୍ତନ ଯୁଗଯୁଗ ଧରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା, ଦୋଳମେଳଣ, ଦୁର୍ଗାପୂଜା ଓ ପ୍ରତ୍ୟେକ ପୂଜା ପାର୍ବଣରେ ଓଡ଼ିଶୀ ସଂକୀର୍ତ୍ତନ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ସଂକୀର୍ତ୍ତନ ସେବକ ଲକ୍ଷ୍ମୀଧର ବେହେରା ସ୍ୱାଗତ ଜଣାଇବା ବେଳେ ପବିତ୍ର ମୋହନ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ, ଉପଦେଷ୍ଟା ଆଶୁତୋଷ ସାମନ୍ତରାୟ, ଜଗଦାନନ୍ଦ ରାଉତରାୟ, ଯୁଧିଷ୍ଠିର ପରିଜା, କିଶୋର କୁମାର ବରାଳ, ଦେବେନ୍ଦ୍ର ମହାନ୍ତି, ଅର୍ଜୁନ ପରିଡ଼ା ପ୍ରମୁଖ ସଂକୀର୍ତ୍ତନ ପରିଚାଳନା କରିଥିଲେ। ଅଧିକାରୀ ଚୈତନ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂକୀର୍ତ୍ତନ କଳାକାରଙ୍କ ସମେତ ୫୦୦ ରୁ ଊର୍ଦ୍ଧ୍ୱ କଳାକାର ଓ କଳାପ୍ରେମୀଙ୍କୁ ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଏକ ନୂଆ ଲକ୍ଷ୍ୟ ସହ କୋଲ୍‌କାତାରେ ପହଞ୍ଚିଛି ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର୍ ୨୦୧୯-୨୦

ଭୁବନେଶ୍ୱର: ୟୁନିଭର୍ସ ଅଫ୍ ପ୍ରାଇଡ୍‌କୁ ଜୀବନ୍ତ କରି ସେଲିବ୍ରେଟେଡ୍ ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର୍ ପାରମ୍ପରିକ ରନୱେ ଶୋ'ଏହାର ୧୫ତମ ସଂସ୍କରଣରେ ଫ୍ୟାଶନର ଏକ ନୂତନ ଚେହେରାକୁ ଉନ୍ମୋଚନ କରିବାକୁ ଯାଉଛି। ଏହି ଟୁର୍ କୋଲ୍‌କାତାଠାରେ ପ୍ରଖ୍ୟାତ ଫ୍ୟାଶନ ଡିଜାଇନର୍ ଅନାମିକା ଖାନ୍ନାଙ୍କ ସହ ଆରମ୍ଭ ହୋଇଛି, ଯିଏକି ନିଜର ଆକର୍ଷଣୀୟ ଡିଜାଇନ୍‌ଗୁଡିକ ମାଧ୍ୟମରେ ଅସାଧାରଣ କଳାର ଉଜାଗର କରି ଏକ ଚମତ୍କାର ଅଭିଜ୍ଞତା ପ୍ରଦାନ କରିଥିଲେ। ଶୋ'ର ଭବ୍ୟତାକୁ ଆହୁରି ବୃଦ୍ଧି କରି ଶୋଜଟପର୍ ଅର୍ଜୁନ କପୁର ଓ ଜାହ୍ନଭି କପୁର ଅନାମିକାଙ୍କ ମାଷ୍ଟରପିସ୍‌ଗୁଡିକୁ ପରିଧାନ କରି ଖୁବ୍ ସୁନ୍ଦର ଦେଖାଯାଉଥିଲେ। ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର୍‌ର ପ୍ରତିଷ୍ଠିତ ୧୫ତମ ବର୍ଷ କ୍ୟୁରେଟର-ଇନ୍-ଚିଫ୍ ଭାବେ ଡିଜାଇନର୍ ଆଶିଷ ସୋନି ଓ ଇଣ୍ଡଷ୍ଟ୍ରୀ ଥଟ୍ ଲିଡର୍ ଫ୍ୟାଶନ ଡିଜାଇନ୍ କାଉନ୍ସିଲ୍ ଅଫ୍ ଇଣ୍ଡିଆ (ଏଫ୍‌ଡିସିଆଇ) ସହ ଏକ ସ୍ୱତନ୍ତ୍ର ସହଭାଗିତା ମାଧ୍ୟମରେ ଏକ ନୂତନ ଫର୍ମାଟ୍ ନେଇ ଆସିଛି। ଫ୍ୟାଶନ ଉପରେ ନିଜର ଧ୍ୟାନକେନ୍ଦ୍ରିତ କରି ଏହି ଟୁର୍ ଫ୍ୟାଶନର ଫେଷ୍ଟିଭାଲ୍‌କୁ ଉପସ୍ଥାପନ କରିବା ସହ ଏହାର ୩ଟି ମୁଖ୍ୟ ବିଷୟବସ୍ତୁ କ୍ରାଫ୍ଟ, ବ୍ଲେଣ୍ଡ ଓ ଆଇଡେଂଟିଟି ମାଧ୍ୟମରେ ଏକ ୟୁନିଭର୍ସ ଅଫ୍ ପ୍ରାଇଡ୍ ସୃଷ୍ଟି କରିବ।

# ପ୍ରାକ୍ ବଜେଟ୍ ମନ୍ତବ୍ୟ: ଭିଲେଜ୍ ଫାଇନାନ୍ସିଆଲ ସର୍ଭିସେସ୍ (ଭିଏଫ୍‌ଏସ୍)

ଭୁବନେଶ୍ୱର: ପ୍ରମୁଖ ମାନଦଣ୍ଡଗୁଡ଼ିକର ପ୍ରାରମ୍ଭିକ ସଙ୍କେତରୁ ଅର୍ଥନୈତିକ ସ୍ଥିତିରେ ସୁଧାର ହେଉଥିବା ଜଣାପଡୁଥିବା ବେଳେ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାରେ ବଜେଟ୍ ୨୦୨୦ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସମସ୍ୟାର ମୁକାବିଲା କରିବା ଲାଗି ସରକାର ଆଗରୁ ପଦକ୍ଷେପ ଗ୍ରହଣ କରିଛନ୍ତି ଯାହା ଆସନ୍ତା ଆର୍ଥିକ ବର୍ଷରୁ ଋଣ ପ୍ରଦାନ କ୍ଷମତା ବଢ଼ାଇବ। ମାତ୍ର ଆବଶ୍ୟକ ପରିମାଣର ଋଣ ଚାହିଦା ସୃଷ୍ଟି କରିବା ଆହ୍ୱାନ ହୋଇ ରହିବ। ସରକାରଙ୍କ ସେହି ସ୍ଥିତିର ମୁକାବିଲା କରିବାକୁ ପଡ଼ିବ ଏବଂ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଋଣ ଚାହିଦାରେ ପୁନରୁଦ୍ଧାର କରିବା ଲାଗି ଭିତିଭୂମି ନିବେଶ ଯୋଜନା ଭଳି ପୁନଶ୍ଚ ସଂସ୍କାର ଆଣିବାକୁ ହେବ।

ଏମଏସଏମଇଗୁଡ଼ିକ ହେଉଛି ଆୟ ଏବଂ ନିଯୁକ୍ତି ସୃଷ୍ଟିର ପ୍ରମୁଖ ଉତ୍ସ, କିନ୍ତୁ ନିକଟ ଅତୀତରେ ଏହି କ୍ଷେତ୍ରକୁ ବ୍ୟାପକ ଋଣ ଉପଲବ୍ଧତା ପ୍ରଭାବିତ ହୋଇଛି। ସେମାନଙ୍କୁ ସୁଲଭ ମୂଲ୍ୟରେ ଫାଇନାନ୍ସ ସୁବିଧା ଉପଲବ୍ଧକୁ ନିଶ୍ଚିତ କରାଇବା ଲାଗି ପଦକ୍ଷେପ ଗ୍ରହଣ କରିବାକୁ ହେବ। ପୁନଶ୍ଚ, ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ କ୍ଷୁଦ୍ର ଏବଂ କୁଟୀର ଶିଳ୍ପର ଆବଶ୍ୟକତାକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ଯାହା ହେଉଛି ଗ୍ରାମୀଣ ଉଦ୍ୟମିତାର ମୂଳଦୁଆ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ପ୍ରମୁଖ କାରକ। ଏକ "ଫଣ୍ଡ ଅଫ୍ ଫଣ୍ଡସ୍" ଗଠନ କରିବା ଲାଗି ଆମେ ମାନ୍ୟବର ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ ଯାହାକୁ ଏମ୍‌ଏଫଆଇ ଓ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ହାସଲ କରିପାରିବେ।ଏମ୍‌ଏଫ୍‌ଆଇଗୁଡ଼ିକ ଯେହେତୁ ସମାଜର ଗରିବରୁ ଅତି ଗରିବ ଲୋକଙ୍କୁ ସେବା ପ୍ରଦାନ କରୁଛନ୍ତି ତେଣୁ ସେମାନେ ପ୍ରଦାନ କରୁଥିବା ସେବା ଉପରୁ ଜିଏସଟି ଛାଡ଼ କରିବାକୁ ଆମେ ସରକାରଙ୍କୁ ଆହ୍ୱାନ ଦେଉଛୁ।

# ଦେଶ୍‌କି ଭାଷା ସହ ଭାରତର ୭୧ତମ ଗଣତନ୍ତ୍ର ଦିବସର ପାଳନ କରିଛି ଟିକ୍‌ଟକ୍

ଭୁବନେଶ୍ୱର(ପିଏନ) : ଗଣତନ୍ତ୍ର ଦିବସରେ ଜନପଥଠାରେ ଆକର୍ଷଣୀୟ ପରେଡ୍ ସହ ଦେଶର ବିଭିନ୍ନ ଅଂଶରେ ସ୍କୁଲ୍ ପିଲାମାନେ ଦେଶାତ୍ମବୋଧ ସଙ୍ଗୀତ ଗାଇ, ବିଭିନ୍ନ ପ୍ରଦର୍ଶନ କରି ଓ ତ୍ରିରଙ୍ଗା ପତାକା ଉଡାଇ ନିଜର ଦେଶପ୍ରେମଭାବନାକୁ ପ୍ରକାଶ କରିବା ଏକ ସାଧାରଣ ପରମ୍ପରା। ଚଳିତ ବର୍ଷ ଟିକ୍‌ଟକ୍ ସମୁଦାୟ ମଧ ଭାରତର ୭୧ତମ ଗଣତନ୍ତ୍ର ଦିବସକୁ ପାଳନ କରିବା ପାଇଁ ଏହି ଉତ୍ସବରେ ସାମିଲ ହୋଇଛି। ଭାରତର ବିବିଧ ସଂସ୍କୃତିକୁ ଜୀବନ୍ତ ରଖି ବିଶ୍ୱର ପ୍ରମୁଖ ସର୍ଟ-ଫର୍ମ ମୋବାଇଲ ଭିଡିଓ ଡେଷ୍ଟିନେସନ୍ ଟିକ୍‌ଟକ୍ ଏହାର ଗଣତନ୍ତ୍ର ଦିବସ ଅଭିଯାନ ‹ଦେଶ୍‌କି ଭାଷାର ଉନ୍ମୋଚନ କରିଛି, ଯାହାର ଭ୍ୟୁ ସଂଖ୍ୟା ୪୧୫ ମିଲିୟନ୍‌ରେ ପହଞ୍ଚିଛି। ଏହି ଅଭିଯାନ ଉପଭୋକ୍ତାମାନଙ୍କୁ ନିଜ ନିଜର ମାତୃଭାଷାରେ ଟିକ୍‌ଟକ ସମୁଦାୟକୁ ଶୁଭେଚ୍ଛା ଜଣାଇ ଏହି ଐତିହାସିକ ଦିନକୁ ପାଳନ କରିବାକୁ ପ୍ରୋତ୍ସାହିତ କରୁଛି। ଦେଶ୍‌କିଭାଷା ଭାରତର ବିବିଧ ସଂସ୍କୃତିର ଏକ ପ୍ରତିଛବି ଏବଂ ଏହାର ୨୦୦ ମିଲିୟନର ମଜଭୁତ ଉପଭୋକ୍ତା ସମୁଦାୟ ଏହି ସ୍ୱତନ୍ତ୍ର ଦିନକୁ ପାଳନ କରିବା ପାଇଁ ଟିକ୍‌ଟକ୍‌ରେ ଏକତ୍ରିତ ହେଉଛନ୍ତି।

ଏହି ଅଭିଯାନ ଏବେ ଲାଇଭ୍ ରହିଥିବା ବେଳେ ଏହା ଆସନ୍ତା ଜାନୁଆରୀ ୨୭ ତାରିଖ ୨୦୨୦ ପର୍ଯ୍ୟନ୍ତ ପରିଚାଳିତ ହେବ। ଏହି ଅଭିଯାନର ଅଂଶଭାବେ ଟିକ୍‌ଟକ୍ ସର୍ଟ ଇନ୍-ଆପ୍ କ୍ୱିଜଗୁଡ଼ିକର ମଧ ଆୟୋଜନ କରିବ, ଯେଉଁଠାରେ ଉପଭୋକ୍ତାମାନଙ୍କ ଭାରତ ସମ୍ବନ୍ଧିତ ତଥ୍ୟ ଓ ଜ୍ଞାନ ପରୀକ୍ଷା କରାଯିବ। ଏହି ଖୁସିର ଅବସରରେ ଟିକ୍‌ଟକ୍ ଏହାର ସମସ୍ତ ଉପଭୋକ୍ତାଙ୍କୁ ୭୧ତମ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଉଛି। ଟିକ୍‌ଟକ୍‌ରେ ସାମିଲ ହୁଅନ୍ତୁ ଓ ଏହି ପ୍ରତିଭାବାନ ଉପଭୋକ୍ତାଙ୍କ ଜୀବନ୍ତ ସମୁଦାୟର ଏକ ଅଂଶ ହୁଅନ୍ତୁ, ଯାହା ବିବିଧତା ମଧ୍ୟରେ ଏକତା ପ୍ରସଙ୍ଗକୁ ବିଶ୍ୱାସ କରିଥାଏ; ଯାହା ବାସ୍ତବରେ ଆମ ଦେଶକୁ ପରିଭାଷିତ କରିଥାଏ।

# ଖଣି କ୍ଷେତ୍ରରେ ଚାପ ଯୋଗୁ ଜୀବନଜୀବିକାରେ ବାଧା ସୃଷ୍ଟି ହୋଇଛି:ଏଫ୍‌ଆଇଡିଆର୍

ଭୁବନେଶ୍ୱର : ଦେଶରେ ଖଣି କ୍ଷେତ୍ରରେ ପଡୁଥିବା ଚାପ ଯୋଗୁ ଜୀବନଜୀବିକାରେ ବହୁବିଧ ବାଧା ସୃଷ୍ଟି ହୋଇଛି। ଏନେଇ ଭାରତର ଅଗ୍ରଣୀ ସାମାଜିକ ସଂସ୍ଥା ଫୋରମ୍ ଫର୍ ଇଂଟିଗ୍ରେଟେଡ୍ ଡେଭଲପମେଂଟ୍ ଆଣ୍ଡ୍ ରିସର୍ଚ୍ଚ(ଏଫ୍‌ଆଇଡିଆର୍) ପକ୍ଷରୁ ୫ଟି ରାଜ୍ୟରେ ସର୍ଭେ କରାଯାଇ ଏକ ରିପୋର୍ଟ ଉପସ୍ଥାପନ କରାଯାଇଛି।ସର୍ଭେରେ ଦେଶର ୬୦ ପ୍ରତିଶତ ଲୋକ ଖଣିକ୍ଷେତ୍ରରେ ଅନୁଭୁତ ହେଉଥିବା ଚାପ ଯୋଗୁ ସେମାନଙ୍କର ଜୀବନ ଶୈଳୀରେ ପରିବର୍ତନ ଆସିଥିବା ସ୍ୱୀକାର କରିଛନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ହେବାରୁ ମାନସିକ ଚାପ ବଢ଼ିବାରୁ ୬୫ ପ୍ରତିଶତ ପାରିବାରିକ ହିଂସା ବଢୁଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ଗୋଆ ଏବଂ କର୍ନାଟକରେ ଏଭଳି ଘଟଣା ସର୍ବାଧିକ ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି। ଫଳରେ ଏକ ତୃତୀୟାଂଶ ଲୋକ ସେମାନଙ୍କର ସନ୍ତାନଙ୍କୁ ଶସ୍ତା ବିକଳ୍ପ ଉପଲବ୍ଧ କରାଇବାକୁ ପସନ୍ଦ କରିଛନ୍ତି। ସରକାରଙ୍କ ତ୍ରୁଟିଯୁକ୍ତ ଖଣି ନୀତି ଯୋଗୁ ଏଭଳି ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି।'ମାଇନିଂ, ଏ ପ୍ରୁଡେଂଟ୍ ପ୍ରସ୍‌ପେକ୍ଟିଭ୍' ନାମକ ଏହି ରିପୋର୍ଟରେ ଗୋଆ, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା ଏବଂ କର୍ନାଟକରେ ହୋଇଥିବା ସର୍ଭେ ରିପୋର୍ଟକୁ ସ୍ଥାନୀତ କରାଯାଇଛି। ସର୍ଭେରେ ସମାଜର ସମସ୍ତ ବର୍ଗର ଲୋକଙ୍କୁ ସାମିଲ୍ କରାଯାଇଥିଲା।ଖଣି କ୍ଷେତ୍ରରେ ଲାଗି ରହିଥିବା ଅସ୍ଥିରତା କେବଳ ଏଠାରେ କାମ କରୁଥିବା ଲୋକଙ୍କ ଜୀବନଶୈଳୀକୁ ପ୍ରଭାବିତ କରିନାହିଁ। ବରଂ ଏହା ସେମାନଙ୍କ ପରିବାର ତଥା ସେମାନଙ୍କର ଜୀବନଜୀବିକା ଉପରେ ମଧ ନକାରାତ୍ମକ ପ୍ରଭାବ ପକାଇଛି। ଏହାର ପ୍ରଭାବ ସର୍ବାଧିକ ମହିଳା ଏବଂ ଛୋଟ ପିଲାଙ୍କ ଉପରେ ପଡ଼ିଛି। ଖଣି କ୍ଷେତ୍ରରେ ସହଜରେ କାମ ମିଳୁଥିବା ୭୦ ପ୍ରତିଶତ ଲୋକ ସର୍ଭେ ସମୟରେ ନିଜର ମତାମତ ଦେଇଥିଲେ। ଜୀବନ ଜୀବିକା ଉପରେ ପ୍ରଭାବ ପଡ଼ିବାରୁ ମାନସିକ ସ୍ଥିତି ଦୁଃସ୍ଥ ହୋଇଥିବା ୨୭ ପ୍ରତିଶତ ଲୋକ ସର୍ଭେ ସମୟରେ ପ୍ରକାଶ କରିଥିଲେ।ଏସମ୍ପର୍କରେ ଏଫ୍‌ଆଇଡିଆର୍‌ର ମେଂଟର ଚାରୁଦତ ପାଣିଗ୍ରାହୀ କୁହନ୍ତି, ଏହି ରିପୋର୍ଟରେ ଭାରତର ସାଧାରଣ ଲୋକଙ୍କ ସ୍ୱରକୁ ସ୍ଥାନୀତ କରାଯାଇଛି। ଖଣି ଏବେଂଶକ୍ତି କ୍ଷେତ୍ର ଦ୍ୱାରେ ସମାନଙ୍କ ରଜୀବନଶୈଳୀ କିଭଳି ପ୍ରଭାବିତ ହେଉଛି ତାହା ସେମାନେ ପ୍ରକାଶ କରିଛନ୍ତି। ଦେଶ ଆଗାମୀ ଦିନରେ ୫ ଟ୍ରିଲିୟନ୍ ଡଲାର ଅର୍ଥ ବ୍ୟବସ୍ଥାରେ ପରିଣତ ହେବାକୁ ଯାଉଥିବାବେଳେ ଖଣି କ୍ଷେତ୍ରରେ ଜାରି ରହିଥିବା ଅସ୍ଥିରତା ଏହି କ୍ଷେତ୍ରରେ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି।ଏହି ରିପୋର୍ଟରେ ଉଭୟ ପ୍ରାଇମେରୀ ଏବଂ ସେକେଣ୍ଡାରୀ ଷ୍ଟେକ୍‌ହୋଲଡରଙ୍କ ସମ୍ପର୍କରେ ପ୍ରକାଶ ପାଇଛି। ସରକାରଙ୍କ ନିକଟରେ ଏହାର ଉପସ୍ଥାନ ଦ୍ୱାରା ଖଣି ନୀତିରେ ପରିବର୍ତନର ଆଶା ରହିଛି। ଖଣି କ୍ଷେତ୍ରରେ ବିକଳ୍ପ ନିଯୁକ୍ତି ସୁଯୋଗ ରହିଛି। ଭାରତ ସମଗ୍ର ବିଶ୍ୱରେ କୋଇଲା ଉତ୍ପାଦନେ ରତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଲୌହ ଉତ୍ପାଦନରେ ଚତୁର୍ଥ, ଇସ୍ପାତ ଉତ୍ପାଦନରେ ୫ମ ଏବଂ ଆଲୁମିନିୟମ୍ ଉତ୍ପାଦନ କ୍ଷେତ୍ରରେ ୮ମ ସ୍ଥାନ ହାସଲ କରିପାରିଛି। କୋଇଲା, ଲୌହ, ଇସ୍ପାତ, ଆଲୁମିନିୟମ, ଚୂନପଥର ଆଦି ଭାରତର ଆର୍ଥିକ ସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହାଦ୍ୱାରା ବାର୍ଷିକ ୮ ବିଲିୟନ୍ ଫରେନ୍ ଏକ୍ସଚେଞ୍ଜ୍ ସମ୍ପନ୍ନ ହୋଇଥାଏ। ଦେଶର ଜିଡ଼ିପିରେ ୨୦୧୧-୨୦୧୨ରେ ଖଣିକ୍ଷେତ୍ରରେ ଯୋଗଦାନ ୩ ପ୍ରତିଶତ ଥିବାବେଳେ ୨୦୧୮-୧୯ରେ ଏହା ୨.୬ ପ୍ରତିଶତକୁ ଖସି ଆସିଛି।ଏସମ୍ପର୍କରେ ଏଫ୍‌ଆଇଡିଆର୍‌ର ନିର୍ଦ୍ଦେଶକ ସିଦ୍ଧାର୍ଥ ବେହେରା କୁହନ୍ତି,ଖଣିକ୍ଷେତ୍ର କିଭଳି ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି ସେନେଇ ଦିଲ୍ଲୀରେ ଏକ ଦିନିକିଆ ଆଲୋଚନା ଚକ୍ର ୨୦୨୦ ଜାନୁୟାରୀ ୨୩ରେ ଅନୁଷ୍ଠିତ ହୋଇଯାଇଛି। ଖଣି କ୍ଷେତ୍ରରେ ଜାରି ରହିଥିବା ଚାପ ଯୋଗୁ ସାଧାରଣ ଲୋକଙ୍କ ଜୀବନଜୀବିକା, ପିଲାଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଉପରେ ବହୁବିଧ ପ୍ରଭାବ ପଡୁଥିବା ଉପସ୍ଥିତ ପ୍ୟାନେଲିଷ୍ଟ୍‌ମାନେ ନିଜର ସହମତି ପ୍ରକାଶ କରିଛନ୍ତି।ଦେଶର ୫ଟି ରାଜ୍ୟରେ ହୋଇଥିବା ସର୍ଭେରୁ ଏହା ଜଣାପଡ଼ିଛି ଯେ, ଖଣିକ୍ଷେତ୍ର ରାଜ୍ୟର ଜିଡ଼ିପିରେ ୧୨ ପ୍ରତିଶତ ଯୋଗଦାନ କରିଥାଏ। ଗୋଆରେ ଖଣିକ୍ଷେତ୍ର ଉପରେ ରୋକ ଲାଗିବା ଦ୍ୱାରା ୩୪ ବିଲିୟନ୍ ଟଙ୍କାର ରାଜସ୍ୱ ଉପରେ ପ୍ରଭାବ ପଡିଛି। ଏହା ପ୍ରସ୍ତାବିତ୍ ୫ ଟ୍ରିଲିୟନ୍ ଡଲାର ଅର୍ଥ ବ୍ୟବସ୍ଥା ଉପରେ ମଧ ପ୍ରଭାବ ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଖଣିକ୍ଷେତ୍ରରେ ଲାଗି ରହିଥିବା ଅସ୍ଥିରତା ଯୋଗୁ ଗୋଆର ୩ ଲକ୍ଷ ଲୋକଙ୍କ ଜୀବନଶୈଳୀ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଛି। ଗୋଆ, ଓଡ଼ିଶା ଏବଂ କର୍ନାଟକରେ ଖଣି ଉପରେ ଲଗାତାର ରୋକ ଲାଗିବା ଦ୍ୱାରା ଏସବୁ ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ନିବେଶକ ବିଶ୍ୱାସନୀୟତା ହରାଇବାରେ ଲାଗିଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ରାଜ୍ୟଗୁଡ଼ିକର ଅର୍ଥ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ରହିଛି।

ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK







# ଆରଡି କାର୍ଯ୍ୟାଳୟରେ ମହାଦୁର୍ନୀତି, ଭିଜିଲାନ୍ସ ତଦନ୍ତ ଦାବି

ପୁରୀ:ପୁରୀସହର ମଧ୍ୟରେ ଥିବା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟପାଇଁ ଦୂର୍ନୀତି ହୋଇଥିବା ଅଭିଯୋଗ ହେଉଛି । ନେତା, ଠିକାଦାର ଓ ଅଧିକାରୀ ମିଳିତଭାବେ ଅର୍ଥ ହରିଲୁଟ କରି ରାସ୍ତା ନଥାଇ ରାସ୍ତା କାମ ହୋଇଯାଇଛି, ଫଲ୍ସ ବିଲ୍ ପାସ କରିବା ଓ ଠିକାଦାରଙ୍କ ମର୍ଜିରେ ଚାଲିଥିବାରୁ ଏହି କାର୍ଯ୍ୟାଳୟରେ ବହୁ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି । ଗ୍ରାମାଂଚଳରେ ରାସ୍ତାଘାଟର ସୁବିଧା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଇଥିଲେ ମଧ୍ୟ ଲୋକମାନେ ଏବେବି ସୁବିଧାରୁ ବଂଚିତ ହେଉଛନ୍ତି ବୋଲି ଗ୍ରାମବାସୀମାନେ ଅଭିଯୋଗ କରୁଛନ୍ତି । ଗ୍ରାମାଂଚଳର ବିକାଶ ପାଇଁ ଆସୁଥିବା ଅର୍ଥକୁ ସଠିକ୍ ବିନିଯୋଗ ନକରି ଫାଇଲ ପକାଇବା ଯୋଗୁଁ ଠିକାଦାରମାନେ ପ୍ରତିଦିନ କାର୍ଯ୍ୟାଳୟକୁ ଦୌଡି ଦୌଡି ଶେଷରେ ହାତଗୁଞ୍ଜା ଦେଉଥିବା ଅଭିଯୋଗ ହେଉଛି । ଏପରିକି ଅନେକ ଠିକାଦାରଙ୍କର କାମ ଶେଷ ହୋଇନଥିବା ବେଳେ ବିଲ୍ ପାଇଁ ଦୌଡୁଛନ୍ତି । ବିଭିନ୍ନ ଆଳ ଦେଖାଇ କାର୍ଯ୍ୟାଳୟର ଅମଲା ଓ କେତେକ କର୍ମଚାରୀ ଠିକାଦାରଙ୍କୁ ହଇରାଣ କରୁଥିବା ଠିକାଦାର କହିଛନ୍ତି । ଜିଲ୍ଲାର ୮୦ପ୍ରତିଶତ କାମ ଠିକ୍ ସମୟରେ ହୋଇପାରିନାହିଁ । ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବିକାଶର ନକ୍ସା ଦେଖିବାକୁ ମିଳୁନାହିଁ । ଗ୍ରାମାଂଚଳ ଭିତିଭୂମି ବିକାଶ ପାଣ୍ଠି ନାମରେ ନାବାର୍ଡ ସଂସ୍ଥା ରାସ୍ତା ନିର୍ମାଣ ଓ ମରାମତି ପାଇଁ ଦେଇଥିବା ୧ କୋଟି ୬୦ ଲକ୍ଷ ୩ ହଜାର ଟଙ୍କାରୁ ମାତ୍ର ୨୨ ଲକ୍ଷ ୨୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି । ପ୍ରାୟ ୧ କୋଟି ୩୭ ଲକ୍ଷ ୭୮ ହଜାର ଟଙ୍କା ଖର୍ଚ୍ଚ ନହୋଇ ପଡିରହିଛି । କାର୍ଯ୍ୟାଳୟରେ କେତେକ ଅସାଧୁ କର୍ମଚାରୀ ହାତ ଚିକ୍କଣ ନକଲେ ଫାଇଲ ଘୁଂଚୁ ନାହିଁ ବୋଲି ଠିକାଦାରମାନେ ଆଲୋଚନା କରୁଛନ୍ତି । ଏ ସଂପର୍କରେ ଭିଜିଲାନ୍ସ ତଦନ୍ତ କରାଗଲେ ଅର୍ଥ ହେରଫେରିର ଅସଲ ରୂପ ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ମହିଳାଙ୍କ କ୍ୟାବିନ୍ ପୋଡି ଦେଲେ, ଅଭିଯୁକ୍ତଙ୍କୁ ଗିରଫ ଦାବି

ପୁରୀ : ପୁରୀ ଜିଲ୍ଲା ଗଡିଶାଗୋଦା ଥାନା ଅନ୍ତର୍ଗତ ବୀରକିଶୋରପୁରର ଗରିବ ଆନନ୍ଦ ସାହୁଙ୍କ ପତ୍ନୀ କେଳୁଣି ସାହୁଙ୍କ କ୍ୟାବିନ୍ କେତେକ ଦୁର୍ବୃତ ପୋଡି ଦେଇଥିଲେ । ଏ ସଂପର୍କରେ ଶ୍ରୀମତୀ ସାହୁ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଥାନା ଅଧିକାରୀ କୌଣସି ତଦନ୍ତ କରିନଥିଲେ । ଦୁର୍ବୃତ ଏବେ ଖୋଲାରେ ବୁଲୁଥିବା ବେଳେ ମହିଳାଙ୍କୁ ମାରିଦେବା ପାଇଁ ଧମକ ଦେଉଛି । ଏ ସଂପର୍କରେ ମହିଳା ଜଣକ ପୁରୀ ଏସପିଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତି ଗ୍ରାମର କେତେକ ଅସାମାଜିକ ଯୁବକ ତାଙ୍କ କ୍ୟାବିନକୁ ଜୋର ଜବରଦସ୍ତ ପୋଡି ଦେଇଥିଲେ । ସେ ଗରିବ ଶ୍ରେଣୀର ହୋଇଥିବାରୁ ଏବେ ଭୋକ ଉପାସରେ କାଳାତିପାତ କରୁଛନ୍ତି ।

## ଶ୍ରୀ ରାମକୃଷ୍ଣ ଆଶ୍ରମ କଳାହାଣ୍ଡିର ପ୍ରତିଷ୍ଠାତା କର୍ମଯୋଗୀ ସ୍ୱାମୀ ବୈରାଗ୍ୟାନନ୍ଦଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଭୁବନେଶ୍ୱର: ଶ୍ରୀ ରାମକୃଷ୍ଣ ଆଶ୍ରମ, ମଦନପୁର, ରାମପୁରର ପ୍ରତିଷ୍ଠାତା କର୍ମଯୋଗୀ ବୈରାଗ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କର ୭୫ବର୍ଷ ବୟସରେ ଆଜି ପ୍ରାତଃ ୧.୫୫ ମିନିଟ୍ ସମୟରେ ଭୁବନେଶ୍ୱର ନିଖିଳ ଭାରତ ଆର୍ୟୁବିଜ୍ଞାନ ସଂସ୍ଥାନଠାରେ ବିୟୋଗ ହୋଇଯାଇଛି। ତାଙ୍କ ବିୟୋଗ ଖବର ପାଇ ଦିବ୍ୟଜୀବନ ସଂଘର ସାଧୁ ସ୍ୱାମୀ ଶିବ ଚିଦାନନ୍ଦ ମହାରାଜ, ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ, ସ୍ୱାମୀ ସତ୍ୟକାମାନନ୍ଦ ମହାରାଜ, ଆର୍ଯ୍ୟସମାଜ ପକ୍ଷରୁ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସର ସଭାପତି ସୀତାବଲ୍ଲଭ ମହାପାତ୍ର, ଶ୍ରୀ ରାମକୃଷ୍ଣ ଆଶ୍ରମ ପରିଚାଳନା କମିଟି ସଦସ୍ୟ ପର୍ଶୁରାମ ଦ୍ୱିବେଦୀ ପ୍ରମୁଖ ମରଶରୀରରେ ପୁଷ୍ପମାଲ୍ୟ ଦେବା ପରେ ପୂର୍ବାହ୍ନ ୮ ଘଟିକାରେ ସ୍ୱାମୀ ଭୀରେମାନନ୍ଦଙ୍କ ହେପାଜତରେ ମରଶରୀର ଶ୍ରୀ ରାମକୃଷ୍ଣ ଆଶ୍ରମ ମଦନପୁର, ରାମପୁର ଅଭିମୁଖେ ଯାତ୍ରା କରିଥିଲା। ଆଜି ସନ୍ଧ୍ୟାରେ ଆଶ୍ରମ ପରିସରରେ ସଂସ୍କାର କାର୍ଯ୍ୟ ବିଧିମତେ ସମ୍ପନ୍ନ ହୋଇଛି। ଡଃ ବଦ୍ରୀନାଥ ପଟ୍ଟନାୟକ, ଡଃ ସୌରେନ୍ଦ୍ର କୁମାର ମହାପାତ୍ର, ଏକାମ୍ର ସତ୍ୟସେବା ଆଶ୍ରମର ସୁରେନ୍ଦ୍ର ନାଥ ମହାନ୍ତି, ବାବା ବାଳକାନନ୍ଦ ମହାରାଜ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଆନନ୍ଦ ବ୍ରହ୍ମଚାରୀ, ଯୋଗଗୁରୁ ନାରାୟଣ ନନ୍ଦ, କୁଳପତି ଡ଼ଃ ହରେକୃଷ୍ଣ ଶତପଥୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ଜଣେ କୃଷି ବିଶାରଦ ଓ ଦୀନଜନ ବନ୍ଧୁଙ୍କୁ ହରାଇଲା ବୋଲି କହିଛନ୍ତି।

## ଶ୍ରୀକ୍ଷେତ୍ରର ବିକାଶ ନାଁରେ ହରିଲୁଟ୍ ଅଭିଯୋଗ

ପୁରୀ : ଶ୍ରୀକ୍ଷେତ୍ରକୁ ବିଶ୍ୱ ଐତିହ୍ୟ ନଗରୀ କରିବା, ଶ୍ରୀମନ୍ଦିର ଚାରିପଟ ସୌନ୍ଦର୍ଯ୍ୟକରଣ, ଟାଉନଥାନା ପାଖ ଭକ୍ତ ନିବାସ, ହବିଷ୍ୟାଳି କେନ୍ଦ୍ର, ପୁରୁଣାଜେଲ ପାର୍କିଂ, ମାର୍କେଟ କମ୍ପ୍ଲେକ୍ସ ନାଁରେ ବିନା ଟେଣ୍ଡରରେ କୋଟି କୋଟି ଟଙ୍କା ଠିକାଦାର ଜରିଆରେ ହରିଲୁଟ ହୋଇଛି ବୋଲି ଜଗନ୍ନାଥ ସେନା ଅଭିଯୋଗ କରିଛି । ବୁଧବାର ପୂର୍ବାହ୍ନରେ ସେନା ପକ୍ଷରୁ ଏହାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସିଂହଦ୍ୱାର, ଟାଉନ ଓ କୁମ୍ଭାରପଡା ଥାନାରେ ଏତଲା ଦେଇଛନ୍ତି । ଏହାସହ ଭିଜିଲାନ୍ସ ତଦନ୍ତ ପାଇଁ ମଧ୍ୟ ଅଭିଯୋଗ କରିଛନ୍ତି । ଭୁବନେଶ୍ୱର ଏୟାରପୋର୍ଟର ନିର୍ମାଣାଧିନ ଛାତ ଭୁଷୁଡିବା ଘଟଣାରେ ଅଭିଯୁକ୍ତ ଠିକାଦାର ଦିଲ୍ଲୀପ ଖଟେଇ ଏବେ ଝାରପଡା ଜେଲରେ । ସେହି ଠିକାଦାର ପୁରୀର ବିଭିନ୍ନ କାମ ପାଇଁ କୋଟି କୋଟି ଟଙ୍କାର କାମ ନେଇ ନିମ୍ନମାନର କାମ କରି ହରିଲୁଟ କରିଥିବା ଅଭିଯୋଗ କରିଛନ୍ତି । ନେତା, ଅଫିସର ଓ ଠିକାଦାର ମିଳିତଭାବେ ପୁରୀର ବିଭିନ୍ନ ଉନ୍ନୟନ କାମରେ କୋଟି କୋଟି ଟଙ୍କାର ଦୁର୍ନୀତି କରିଥିବା ସେନା ଅଭିଯୋଗ କରିଛି । ପୁରୀର କୋଟି କୋଟି ଟଙ୍କା ହରିଲୁଟ ଅଭିଯୋଗ ଘଟଣାରେ ଖଟେଇଙ୍କ ସହଯୋଗୀ ନେତା, ଅଫିସର ଓ ଠିକାଦାରଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେନା ଅଭିଯୋଗ କରିଛି । ସେହିପରି ନବକଳେବର ସମୟରେ ୨୦୦୦କୋଟି ଟଙ୍କା କାମ ଆଉ ଆଖିକୁ ଦେଖାଯାଉନାହିଁ । ସେଥିରୁ ମଧ୍ୟ ଦୂର୍ନୀତି ହୋଇଥିଲା । ଏବେ ବିଶ୍ୱ ଐତିହ୍ୟନଗରୀ ନାମରେ ନୀଳାଦ୍ରି ଭକ୍ତ ନିବାସ ପାଇଁ ୧୫ କୋଟି ଟଙ୍କା, ହବିଷ୍ୟାଳି କେନ୍ଦ୍ର ପାଇଁ ୩୩ କୋଟି ଟଙ୍କା, ଜେଲ୍ ରୋଡ ଭକ୍ତ ନିବାସ ପାର୍କି ପାଇଁ ୨୦କୋଟି ଟଙ୍କା ବିନା ଟେଣ୍ଡରରେ ଖର୍ଚ୍ଚ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି । ଏହିପରି ୫୨୩କୋଟି ଟଙ୍କା ଚଳୁ କରିଦେବା ପାଇଁ ସୁଚିନ୍ତିତ ଯୋଜନାକୁ ପ୍ରଭୁ ଶ୍ରୀଜଗନ୍ନାଥ ଧରାଇ ଦେଲେ ବୋଲି ଆବାହକ ଅଭିଯୋଗ କରିଛନ୍ତି । ଏହିସବୁ ଦୂର୍ନୀତି ଘଟଣାରେ ସେନା ଆଗାମୀ ଦିନରେ କୋର୍ଟର ଆଶ୍ରୟ ନେବବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଡ. ଅମ୍ରିତା ପଟେଲଙ୍କ ବିୟୋଗରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗରେ ଶୋକସଭା

ଭୁବନେଶ୍ୱର: ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ତଥା ବିଶିଷ୍ଟ ସାମାଜିକ କର୍ମୀ ଡ. ଅମ୍ରିତା ପଟେଲଙ୍କ ଅକାଳ ବିୟୋଗରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାରେ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ, ଡ. ଅମ୍ରିତା ପଟେଲ ବିଭାଗ ପାଇଁ ଅତ୍ୟନ୍ତ ମୂଲ୍ୟବାନ ଥିଲେ। ତାଙ୍କର ଉଦ୍ୟମ, ଅଭିନବ ଚିନ୍ତାଧାରା ଏବଂ ମହିଳାମାନଙ୍କ ପ୍ରସଙ୍ଗରେ ସମ୍ବେଦନଶୀଳତା ଏବଂ ସେମାନଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ପରଲୋକ ଏକ ଅପୂରଣୀୟ କ୍ଷତି ବୋଲି ବ୍ୟକ୍ତି କରିବା ସହ ପ୍ରମୁଖ ସଚିବ ଗଭୀର ଶୋକ ବ୍ୟକ୍ତ କରିଥିଲେ। ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ତାଙ୍କର ସ୍ମୃତିଚାରଣ କରିବା ସହ ନୀରବ ପ୍ରାର୍ଥନା କରି ଆତ୍ମାର ସଦଗତି କାମନା କରିଥିଲେ। ପ୍ରକାଶ ଥାଉକି ଡ. ଅମ୍ରିତା ପଟେଲ ବିଭାଗର ମହିଳା ଓ ବାଳିକା ନୀତି-୨୦୧୪ ପ୍ରଣୟନ, କାରାଗାରରେ ମହିଳା-୨୦୧୫, ମହିଳାମାନଙ୍କ ପାଇଁ ଆଇନ ସଂକଳନରୁ ୨ଟି ଭଲ୍ୟୁମ, ମହିଳାମାନଙ୍କ ପାଇଁ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ସମ୍ପର୍କିତ ଅଧିନିୟମ ସଂଶୋଧନ ଏବଂ ବିଭାଗର ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରଣୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଡ. ପଟେଲଙ୍କର ଗତ ୨୭ ତାରିଖ ଦିନ ପରଲୋକ ହୋଇଥିଲା।ଆଜିର ଏହି ଶୋକସଭାରେ ନିର୍ଦ୍ଦେଶକ ସମାଜ କଲ୍ୟାଣ, ଡ. ଅରବିନ୍ଦ ଅଗ୍ରୱାଲଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଶ୍ରେଣୀ ଶିକ୍ଷା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଗୁରୁତ୍ୱ ପୂର୍ଣ୍ଣ : ଡିୟୁ ପବ୍ଲିକ ସ୍କୁଲର ତ୍ରୟୋଦଶତମ ବାର୍ଷିକ ଉତ୍ସବ




ଚଣ୍ଡିଖୋଲ/ନେଉଳପୁର, ୨୯/୧(ପିଏନ): ଶିକ୍ଷା ହେଉଛି ରାଷ୍ଟ୍ର ନିର୍ମାଣର ମୂଳ ଆଧାର। ଶିକ୍ଷା ସମାଜକୁ ନୂତନ ଦିଗଦର୍ଶନ ଦେଇଥାଏ। ଶିକ୍ଷା ଦେଶ ଓ ଜାତିକୁ ଯୋଡ଼ିବାର ପ୍ରକୃଷ୍ଟ ମାଧ୍ୟମ। ଶିକ୍ଷା କେବଳ ପାଠ୍ୟ ପୁସ୍ତକ ମଧ୍ୟରେ ଆବଦ୍ଧ ନୁହେଁ। ଶିକ୍ଷାକୁ ସୁଦୂର ପ୍ରସାରି କରିବାକୁ ହେଲେ ଆର୍ନ୍ତନିହିତ ଗୁଣାବଳିର ବିକାଶ କରିବାକୁ ହେବ। ଛାତ୍ରଛାତ୍ରୀ ୧୦ଦିନରେ ଯେତିକି ପଢା ବହିରୁ ବିଦ୍ୟା ଅର୍ଜନ କରିଥାଏ , ଗୋଟିଏ ଶ୍ରେଣୀ ଗୃହରୁ ସେତିକି ବିଦ୍ୟା ଅର୍ଜନ କରିଥାଏ ବୋଲି ଚଣ୍ଡିଖୋଲ ସ୍ଥିତ ଡିୟୁ ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ ଉତ୍ସବରେ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍କଳ ୟୁନିଭରସିଟିର ରସାୟନ ବିଭାଗର ମୁଖ୍ୟ ଡଃ ପିକେ ସାହୁ ମତବ୍ୟକ୍ତ କରିଛନ୍ତି। ଡିୟୁ ସ୍କୁଲର ଅଧକ୍ଷ ଇଂ. ଧନେଶ୍ୱର ମହାପାତ୍ରଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ତ୍ରିଭୂବନ ୟୁନିଭରସିଟି କାଠମାଣ୍ଡୁ ନେପାଳର ପରିବେଶ ବିଜ୍ଞାନ ମୁଖ୍ୟ ପ୍ରଫେସର ଡଃ. କିଶୋର ମହାରାଜନ ଯୋଗ ଦେଇ ଶିକ୍ଷା କେବଳ ପାଠ୍ୟ ପୁସ୍ତକ ଭିତରେ ଆବଦ୍ଧ ନହୋଇ ଛାତ୍ରଛାତ୍ରୀଙ୍କର ଶୃଙ୍ଖଳା, କର୍ତ୍ତବ୍ୟନିଷ୍ଠା, ଅଧ୍ୟୟନ ଓ ଅଧ୍ୟବସାୟ ଉପରେ ଗୁରୁତ୍ୱ ଦେବା ଉଚିତ। ସମ୍ମାନୀତ ଅତିଥି ଭାବେ ତ୍ରିଭୂବନ ୟୁନିଭରସିଟି ଜାତୀୟ ଯୁବ ସଂଗଠକର ନିର୍ଦ୍ଦେଶକ ଡଃ ପିକେ ରେଗମି, ସୋଆ ୟୁନିଭରସିଟି ଭୁବନେଶ୍ୱରର ଅଣୁଜୀବ ବିଜ୍ଞାନ ବିଭାଗର ମୁଖ୍ୟ ଡଃ ଅନୁସ୍ମିତା ସାହୁ ଯୋଗ ଦେଇ ପିଲାମାନଙ୍କୁ ବହୁ ଶିକ୍ଷା ସମ୍ପର୍କିତ ଉପାଦେୟ ପରାମର୍ଶ ଦେଇଥିଲେ। ଡିୟୁ ସ୍କୁଲର ସଂପାଦକ ଡଃ ରଂଜିତ ମହାପାତ୍ର ପ୍ରାରମ୍ଭିକ ସୂଚନା, ନିର୍ଦ୍ଦେଶକ ଡଃ ବିଶ୍ୱଜିତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧକ୍ଷା ସୁଜାତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଆର କେ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପୁରସ୍କର ପ୍ରଦାନ କରିବା ସହ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବ୍ୟାସନଗରରେ ଖୋଲିଲା ବିଗ୍ ବଜାର



ବ୍ୟାସନଗର:ଆଜି ଯାଜପୁର ଜିଲ୍ଲା ବ୍ୟାସନଗର ସହରରେ ବିଗ୍ ବଜାର ଖୋଲିଛି । ପୌରାଞ୍ଚଳର ଚୋରଦା ବାଇପାସ୍ ଉତ୍କଳ ସେଣ୍ଟର ପଏଣ୍ଟଠାରେ ଏହା କୋରାଇ ବିଧାୟକ ଅଶୋକ ବଳ ଓ ପ୍ରାକ୍ତନ ପୌରାଧକ୍ଷା ସବିତା ରାଉତଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି। ଗତ କାଲି ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ପଏଣ୍ଟର ଉତ୍କଳ ସେଣ୍ଟର ଚେୟାରମ୍ୟାନ ସୁବାଷ ଭୁରା ଓ ମୁଖ୍ୟ ପରିଚାଳକ ଶରଦ ବୈଦ ଏ ସଂପର୍କରେ ସୂଚନା ଦେଇଥିଲେ। ଆଜି ଉଦ୍‌ଘାଟନ ହେବା ପରେ ଏକ ସଭାରେ ଉତ୍କଳ ସେଣ୍ଟର ପଏଣ୍ଟରେ ସବୁ ଶ୍ରେଣୀର ଗ୍ରାହକଙ୍କ ଆବଶ୍ୟକତା ପୂରଣ ଏବଂ ଉନ୍ନତ ମାନର ଦୋକାନମାନ ଖୋଲାଯାଇଛି ବୋଲି ଶ୍ରୀ ଭୁରା ଏବଂ ଶ୍ରୀ ବୈଦ୍ୟ ପ୍ରକାଶ କରିଥିଲେ। କଳିଙ୍ଗ ନଗର ଶିଳ୍ପାଞ୍ଚଳ ଗଢିଉଠିବା ପରେ ଏଠାରେ ଏକ ମଲ୍‌ର ଆବଶ୍ୟକତା ରହିଥିବାବେଳେ ଉତ୍କଳ ସେଣ୍ଟ ପଏଣ୍ଟ ଏହାକୁ ପୂରଣ କରିଛି। ସପିଂ ମଲ୍ ଖୋଲିବା ଫଳରେ ପ୍ରତ୍ୟେକ୍ଷ ଭାବେ ଚାରିଶହ ବେକାର ଯୁବକ ଯୁବତୀ ନିଯୁକ୍ତିର ସୁଯୋଗ ପାଇବାକୁ ଥିବାବେଳେ ପରୋକ୍ଷରେ ହଜାର ହଜାର ବେକାର ଆର୍ଥିକ ସୁବିଧା ହାସଲ କରିବେ। ବ୍ୟାସନଗର କେବଳ କଳିଙ୍ଗନଗର ନୁହେଁ କେନ୍ଦୁଝର, ଢେଙ୍କାନାଳ ଏବଂ ଯାଜପୁର ଜିଲ୍ଲାର ବ୍ୟବସାୟିକ କେନ୍ଦ୍ର ହୋଇଥିବାରୁ ଏହି ସପିଂ ମଲ୍ ରାଜ୍ୟର ଦ୍ୱିତୀୟ ବୃହତ୍ତ ମଲ୍ ଅଟେ। ପଡ଼ୋଶୀ ଭଦ୍ରକ ଏବଂ ଅନ୍ୟ ଜିଲ୍ଲାର ଲୋକଙ୍କର ଏହି ମଲ୍ ଅର୍ଥନୈତିକ ବିକାଶରେ ସହାୟକ ହେବ। ଆଗାମୀ ଦିନରେ ଉତ୍କଳ ବିଲଡ଼ର୍ସ ତା'ର ନିର୍ମାଣ ଶୈଳୀ ଅନୁଭବକୁ ପାଥେୟ କରି ଓଡ଼ିଶା ପ୍ରଗତିରେ ସହାୟକ ହେବ ବୋଲି କୋରାଇ ବିଧାୟକ ଅଶୋକ ବଳ , ପ୍ରାକ୍ତନ ପୌରାଧକ୍ଷା ସବିତା ରାଉତ, ସମାଜସେବୀ ରବିନାରାୟଣ ପୁହାଣ ଏବଂ ଭ୍ରମରଲାଲ ବାଗଡ଼ି ପ୍ରକାଶ କରିଥିଲେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ପବନ କୁମାର କହ୍ନେୟାଲାଲ ଚୌରଡ଼ିଆ ଏବଂ ଗୋପାଳ ବାଗଡ଼ି ପରିଚାଳନା କରିଥିଲେ।

## ମୁରୁଜରେ ବିରାଜିଲେ ବିଦ୍ୟାଦାତ୍ରୀ ବାଗଦେବୀ

ଭୁବନେଶ୍ୱର: ବିଦ୍ୟା, କଳା, ସାହିତ୍ୟ ଓ ସ୍ୱର ବ୍ରହ୍ମର ଅଧିଷ୍ଠାତ୍ରୀ ଦେବୀ ମା' ସରସ୍ୱତୀଙ୍କ ଆବାହନ ପାଇଁ ପ୍ରସ୍ତୁତି ସରିଛି। ସାରା ରାଜ୍ୟରେ ଉତ୍ସାହର ମାହୋଲ ଦେଖାଦେଇଛି। ସ୍କୁଲ୍, କଲେଜ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପୂଜା ପାଇବେ ମା' ବାଗ୍‌ଦେବୀ ସରସ୍ୱତୀ। ପ୍ରତି ପୂଜା ପାର୍ବଣରେ କିଛି ନା କିଛି ନୁଆ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ଜନସାଧାରଣଙ୍କ ନିକଟରେ ପହଂଚୁଥିବା ସ୍ମାର୍ଟନଗରୀ ରାଜଧାନୀ ଭୁବନେଶ୍ୱର ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ ପରିସରରେ ଥିବା ପ୍ରତିଷ୍ଠିତ ଚିତ୍ରଶିକ୍ଷା ଅନୁଷ୍ଠାନ 'ଚିତ୍ରଶାଳା' ଚଳିତ ଶ୍ରୀପଂଚମୀରେ ନିଆରା ଢଙ୍ଗରେ ପରିବେଶ ସଚେତନତା ଉପରେ ଗୁରୁତ୍ୱ ଦେଇଛି। ଏଠାରେ ଶିକ୍ଷାଲାଭ କରୁଥିବା ବିଦ୍ୟାର୍ଥୀମାନେ ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତଙ୍କ ତତ୍ତ୍ୱାବଧାନରେ ରଙ୍ଗ ବେରଙ୍ଗ ମୁରୁଜରେ ତିଆରି କରିଛନ୍ତି ଇକୋ-ଫ୍ରେଣ୍ଡଲି ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ଚିତ୍ରପଟ୍ଟ। ପ୍ଲାଷ୍ଟିକ ଓ ରାସାୟନିକ ରଙ୍ଗ ବିରୋଧରେ ସ୍ୱର ଉଠାଇବା ସହ ଇକୋ-ଫ୍ରେଣ୍ଡଲି ପୂଜା କରିବାକୁ ଶିଳ୍ପୀମାନେ ଆହ୍ୱାନ ଦେଇଛନ୍ତି। ମୂର୍ତ୍ତିରେ ମିଶୁଥିବା ରାସାୟନିକ ରଙ୍ଗ ନଦୀ ଜଳ ପ୍ରଦୂଷିତ ହେବା ସହ ପ୍ରଦୂଷଣ ହୋଇଥାଏ ଏବଂ ପ୍ରକୃତି ପରିପନ୍ଥୀ ହୋଇଥାଏ। ଜଳ ଉତ୍ସକୁ ସ୍ୱଚ୍ଛ ଓ ବାୟୁମଣ୍ଡଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଚିତ୍ରଶାଳା ଆୟୋଜନ କରିଛି ଇକୋଫ୍ରେଣ୍ଡଲି ମା' ସରସ୍ୱତୀଙ୍କ ପୂଜା। ସମ୍ପ୍ରତି ପରିବେଶକୁ ଦୃଷ୍ଟିରେ ରଖି ଯେତେ ସରଳ, ନିରାଡ଼ମ୍ବର ଭାବେ ଭକ୍ତିପୂତ ପରିବେଶ ମଧ୍ୟରେ ପୂଜା ଉତ୍ସବ ପାଳନ କରାଯିବା ଦରକାର ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଅନସୂୟା ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଯୋଗଦେଇ କୁନିଶିଳ୍ପୀଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ପ୍ରତ୍ୟେକ ପାର୍ବଣକୁ ଆମେ ଚାହିଁଲେ ପରିବେଶ ଉପଯୋଗୀ କରିପାରି ଧରିତ୍ରୀର ସନ୍ତୁଳନ ରଖିପାରିବା ବୋଲି ମତପ୍ରକାଶ କରିଥିଲେ। ଭୁବନେଶ୍ୱର ସ୍ଥିତ ବି.ଆଇ ପ୍ରୋଫେସନାଲ୍ସ ପକ୍ଷରୁ ଚିତ୍ରଶିଳ୍ପୀମାନଙ୍କୁ ଚିତ୍ରସାମଗ୍ରୀ ଯୋଗାଇ ଦିଆଯିବା ସହ ଏଭଳି ନିଆରା ପ୍ରୟାସକୁ ପ୍ରଶଂସା କରାଯାଇଥିଲା।

## ସିଟି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର: ଶିରିପୁରସ୍ଥିତ ସିଟି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ୨୫ ତାରିଖ ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ରାଜ୍ୟସଭା ସଦସ୍ୟ ଡଃ ସସ୍ମିତ ପାତ୍ର ପ୍ରମୁଖ ବକ୍ତାଭାବେ ଯୋଗ ଦେଇ ଓଜସ୍ୱିନୀ ସାରଗର୍ଭକ ଅଭିଭାଷଣ ମାଧ୍ୟମରେ ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି କାମନା କରିବା ସହ ଛାତ୍ରୀମାନଙ୍କର ସମୁଜ୍ଜ୍ୱଳ ଭବିଷ୍ୟତ ସମ୍ବନ୍ଧରେ ହୃଦୟସ୍ପର୍ଶୀ ଆଲୋକପାତ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡ଼ିଶାର ଯୁଗ୍ମ ନିର୍ଦ୍ଦେଶିକା ଡଃ ପ୍ରୀତି ପ୍ରତିଭା ଭୋଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ସଶକ୍ତିକରଣ, ଛାତ୍ରୀମାନଙ୍କ ପ୍ରତି ଅଧ୍ୟାପିକା ଅଧ୍ୟାପକମାନଙ୍କର ଗୁରୁଦାୟିତ୍ୱ ସମ୍ପର୍କରେ ସୁନ୍ଦର ଭାବେ ରେଖାପାତ କରି ସ୍ୱରଚିତ କବିତା ଶୁଣାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ।

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ନମାନିବାରୁ ବିଏମ୍‌ସି କର୍ମଚାରୀଙ୍କୁ ଘେରିଲେ ଉଠାଦୋକାନୀ

ଭୁବନେଶ୍ୱର: ଆଜି ପୂର୍ବାହ୍ନ ୧୧.୩୦ ସମୟରେ ବିଏମସି ଓ ପୋଲିସର ଏକ ମିଳିତ ଉଚ୍ଛେଦକାରୀ ଦଳ ଚନ୍ଦକା ଶିଳ୍ପାଂଚଳ ଅଂଚଳରେ ପହଂଚି ସାଇ ମନ୍ଦିର ରାସ୍ତା ଏବଂ ଫାଲକନ ହାଉସ ରାସ୍ତାରେ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବାକୁ ଯାଇଥିଲେ। କିନ୍ତୁ ଏହି ଦୁଇଟି ଅଂଚଳରେ ଥିବା ଉଠାଦୋକାନୀମାନଙ୍କ ପାଇଁ ହାଇକୋର୍ଟଙ୍କ ଡବଲ ବେଂଚ କେସ୍ ନଂ-ଡ଼ବ୍ଲୁ.ପି.(ସି) ନଂ-୧୭୭୬୨/୨୦୧୯ ଡିସେମ୍ବର ୧୧, ୨୦୧୯ରେ ଉଠାଦୋକାନୀମାନଙ୍କୁ ଦୁଇମାସ ମଧ୍ୟରେ ଥଇଥାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ତାହା ଦୁଇମାସ ପୁରିବାକୁ ଆହୁରି ୨୦ ଦିନ ବାକି ଥିବାବେଳେ ଆଜି ବିଏମସି ଓ ପୋଲିସ୍ ମିଳିତ ଉଚ୍ଛେଦକାରୀ ଦଳ ଜୋର ଜବରଦସ୍ତି ହାଇକୋର୍ଟ ନିର୍ଦ୍ଦେଶ ଥିବା ଦୋକାନଗୁଡ଼ିକୁ ଉଚ୍ଛେଦ କରିବାକୁ ଯାଉଥିବା ସମୟରେ ସେଠାରେ ଉପସ୍ଥିତ ଉଠାଦୋକାନୀମାନେ ବିଏମସି ଓ ପୋଲିସ କର୍ମଚାରୀମାନଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ନିବେଦନ କରିଥିଲେ। କିନ୍ତୁ ବିଏମସି ଓ ପୋଲିସ୍ କର୍ମଚାରୀମାନେ କାହା ନିର୍ଦ୍ଦେଶରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ସେଠାରେ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବାକୁ ଆସିଥିଲେ ତାହାକୁ ତଦନ୍ତ କରାଯାଉ। ଖାଲି ସେତିକି ନୁହେଁ, କିନ୍ତୁ ବାଧ ହୋଇ ଉଠାଦୋକାନୀମାନେ ବିଏମସି ଓ ପୋଲିସ କର୍ମଚାରୀମାନଙ୍କୁ ବିରୋଧ କରିବା ପରେ ଉଚ୍ଛେଦକାରୀ ଦଳ କିଛି ଦୋକାନକୁ ଭାଙ୍ଗି ଫେରି ଯାଇଥିଲେ। ଏଠାରେ ଉଲ୍ଲେଖଥାଉକି, ମାନ୍ୟବର ହାଇକୋର୍ଟଙ୍କ ଡ଼ବଲ ବେଂଚ ବିଏମ୍‌ସି, ବିଡ଼ିଏ, ଜିଏ, ଇଡ୍‌କୋ, ପୋଲିସ୍ କମିଶନର, ଜିଲ୍ଲାପାଳ ଓ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ବିଏମ୍‌ସି କର୍ମଚାରୀ ଓ ପୋଲିସ୍ କାହିଁକି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି, ଏହା ଏକ ଦଣ୍ଡନୀୟ ଅପରାଧ।

## ଅଶୀରେ ବସନ୍ତ ଉତ୍ସବରେ ବସନ୍ତ ଦାସଙ୍କୁ ସାମ୍ବାଦିକ ଶିରୋମଣି ସମ୍ମାନ ପ୍ରଦାନ

ଭୁବନେଶ୍ୱର: ଅଶୀରେ ବସନ୍ତ ଉତ୍ସବ କମିଟି ପକ୍ଷରୁ ବରିଷ୍ଠ ତଥା ବିଶିଷ୍ଟ ସାମ୍ବାଦିକ ବସନ୍ତ ଦାସଙ୍କୁ ସାମ୍ବାଦିକ ଶିରୋମଣୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଆଜି ପୂର୍ବାହ୍ନରେ ହୋଟେଲ ସ୍ୱସ୍ତି ଗ୍ରାଣ୍ଡ ସମ୍ମିଳନୀ କକ୍ଷରେ ଏକ ମନୋଜ୍ଞ ପରିବେଶରେ ଅଶିରେ ବସନ୍ତ ଉତ୍ସବକୁ ପ୍ରଦୀପ ପ୍ରଜଜ୍ୱଳନ ପୂର୍ବକ ଉଦଘାଟନ କରି ବିଶିଷ୍ଟ ଜନନେତା ନରସିଂହ ମିଶ୍ର କହିଲେ ଯେ, ବସନ୍ତ ବାବୁଙ୍କ ଜୀବନର ଇତିହାସ, ଓଡ଼ିଶାର ୬୦ ବର୍ଷର ରାଜନୈତିକ ଇତିହାସ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ହାସଲ କରି, ଯୁବକମାନେ ଯେତେବେଳେ ସରକାରୀ ଚାକିରୀ ପଛରେ ଗୋଡ଼ାଉଥିଲେ, ସେତିକିବେଳେ ପୁର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ସାମ୍ବାଦିକତାକୁ କେବଳ ପେଶା ନୁହେଁ ନିଶା ଭାବେ ଗ୍ରହଣ କରିଥିଲେ। ସଭାରେ ପୌରହିତ୍ୟ କରି ଜନନେତା ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ, ଓଡ଼ିଶାରେ ଯେଉଁ କେତେଜଣ ସାଲିସ୍ ବିହୀନ ସାମ୍ବାଦିକ ଥିଲେ ବା ଅଛନ୍ତି ସେମାନଙ୍କ ମଧ୍ୟରେ ବସନ୍ତ ବାବୁ ଏକ ନମ୍ବରରେ ରହିବେ। ସମସାମୟିକ ସମାଜର ସେ ଜଣେ ଚଳନ୍ତି ଇତିହାସ। ନୂତନ ଯୁବପିଢୀ ତଥା ଯେଉଁମାନେ ସାମ୍ବାଦିକତାକୁ ପେଶା କରିବାକୁ ବାହାରିଛନ୍ତି ସେମାନେ ବସନ୍ତ ବାବୁଙ୍କ ଜୀବନକୁ ଅନୁଧ୍ୟାନ କରିବା ଉଚିତ୍।ସମ୍ମାନିତ ଅତଥି ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ କହିଲେ ଯେ, ବସନ୍ତ ବାବୁ କେବଳ ସାମ୍ବାଦିକତାରେ ସୀମାବଦ୍ଧ ନୁହଁନ୍ତି, ସେ ତାଙ୍କ କୃତି ସାହିତ୍ୟ କ୍ଷେତ୍ରରେ ମଧ୍ୟ ପ୍ରଦର୍ଶନ କରିଛନ୍ତି। ଅନ୍ୟତମ ଅତଥି ବିଶିଷ୍ଟ ବୁଦ୍ଧିଜୀବୀ ପୂର୍ବତନ କୁଳପତି ଡ଼ଃ ବିମଳେନ୍ଦୁ ମହାନ୍ତି କହିଲେ ଯେ, ବସନ୍ତ ବାବୁଙ୍କୁ ମୁଁ ଛାତ୍ର ଅବସ୍ଥାରୁ ଲକ୍ଷ୍ୟ କରିଛି, ଜଣେ ଛାତ୍ର ନେତା ଭାବେ ସେ ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଥିଲେ, ଯେ କେହି ଭାବିବ, ସେ ପରବର୍ତୀ ଜୀବନରେ ଜଣେ ରାଜନେତା ହେବେ। କିନ୍ତୁ ସ୍ୱଗର୍ତ ଜାନକୀ ବଲ୍ଲଭ ପଟ୍ଟନାୟକ, ଡ଼ଃ ହରେକୃଷ୍ଣ ମହତାବ ଓ ବୀରେନ ମିତ୍ରଙ୍କ ଆଦର୍ଶ ତାଙ୍କୁ ସାମ୍ବାଦିକ ବୃତି ପାଇଁ ପ୍ରେରଣା ଦେଇଥିଲା। ସଭାରେ ପ୍ରାରମ୍ଭରେ ବିଶିଷ୍ଟ ବୈଦିକ ବିଦ୍ୱାନ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଓ ବରିଷ୍ଠ ସମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭାର ପ୍ରାରମ୍ଭରେ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ଆଶୀର୍ବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ରାଜନେତା ନିରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବିଜୟ ମହାପାତ୍ର, ପଂଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ଡ଼ାକ୍ତର ଜଗନ୍ନାଥ ମହାପାତ୍ର, ବରିଷ୍ଠ ପ୍ରଶାସକ ସଞ୍ଜୀବ ହୋତା, ଡଃ ଭଗବାନ ପ୍ରକାଶ, ଡ଼ି. କେ. ରାୟ ପ୍ରମୁଖ ବସନ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅଶୀରେ ବସନ୍ତ ଉତ୍ସବ କମିଟି ପକ୍ଷରୁ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଶ୍ରୀ ବସନ୍ତ ଦାସଙ୍କୁ ସାମ୍ବାଦିକ ଶିରୋମଣି ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ କଳିଙ୍ଗ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡଃ ବଦ୍ରୀନାଥ ପଟ୍ଟନାୟକ, ଓଡ଼ିଶା ସାମନ୍ତ ପରିଷଦ ପକ୍ଷରୁ ରବୀନ୍ଦ୍ରନାଥ ମହାନ୍ତି, ଭାରତୀୟ ବୁଦ୍ଧ ସମିତି ପକ୍ଷରୁ ଡଃ ସୌରେନ୍ଦ୍ର ମହାପାତ୍ର, ପ୍ରୟାସ ପକ୍ଷରୁ ବନ ମହାନ୍ତି, ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଆରତୀ ଜେନା, ଚିନ୍ତା ଚେତନା ପକ୍ଷରୁ ସୁରେନ୍ଦ୍ର ଦାସ, ମହତାବ ଏକାଡ଼େମୀ ପକ୍ଷରୁ କାଦମ୍ବିନୀ କର, ସ୍ୱାମୀ ବ୍ରହ୍ମାନନ୍ଦ ଟ୍ରଷ୍ଟ ପକ୍ଷରୁ ଭବାନୀ ରାଉତ, ସୁଖଧାମ ବୃଦ୍ଧାଶ୍ରମ ପକ୍ଷରୁ ଦେବଯାନୀ ରାୟ, ଆର୍ଯ୍ୟ ସମାଜ, ହାପି ଲିଭିଙ୍ଗ ଫାଉଣ୍ଡେସନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଂଘ, ବିଜୁ ପଟ୍ଟନାୟକ କମ୍ପୁଟର ଏକାଡ଼େମୀ, ପୂର୍ଣ୍ଣାଙ୍ଗ ଉତ୍କଳନ୍ୟାସ, ସତ୍ୟସାଇ ଲୋକସେବା ଟ୍ରଷ୍ଟ, ମହାତ୍ମା ଗାନ୍ଧୀ ଐତିହ୍ୟ ଟ୍ରଷ୍ଟ, ଓଡ଼ିଶା ସ୍ୱାଧୀନ ଓକିଲ ସଂଘ, ଯୁବ ଅଭିଯାନ, ରାମରାଜ୍ୟ ପରିଷଦ ପକ୍ଷରୁ ପ୍ରଫେସର ବ୍ରଜବନ୍ଧୁ ପଣ୍ଡା, ଡଃ ମନୋଜ ଲେଙ୍କା, କୈଳାସ ମିଶ୍ର, ନିରଦ ଖୁଂଟିଆ, ସୀତା ବଲ୍ଲଭ ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ, ପ୍ରଫେସର ବୁଦ୍ଧଦେବ ମିଶ୍ର, ଅମୀୟ ପାଣ୍ଡବ, ଆନନ୍ଦ ପଟ୍ଟନାୟକ, ରସିକଚାନ୍ଦ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟ ସଂଗଠକ ବିଜୟ ସିଂହ ପ୍ରମୁଖ ଶ୍ରୀ ଦାସଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray